**ଇନ୍ଦ୍ରାବତୀ ସର୍ଭିସ୍‌ରୋଡ୍ କାମରେ ଅନିୟମିତତା**

# କାମ ଶେଷ ନହେଉଣୁ ପିଚୁ ଉଠିଗଲାଣି

ଜୟପାଟଣା, ୧୧।୩(ସମିସ)





ସରକାରୀ ଅର୍ଥର ଖୋଲାଖୋଲି ହରିଲୁଟ୍ ଏବଂ ନିମ୍ନମାନର କାର୍ଯ୍ୟର ଏକ ଜ୍ୱଳନ୍ତ ନମୁନା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକର ମୁଖିଗୁଡା ଅଞ୍ଚଳରେ। ଇନ୍ଦ୍ରାବତୀ ଜଳ ସେଚନ ପ୍ରକଳ୍ପର ସର୍ଭିସ୍ ରୋଡ୍ ପିଚୁ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତା କାମ ଶେଷ ନହେଉଣୁ ପିଚୁ ଉଠିଯିବା ସହ ରାସ୍ତା ଫାଟି ଗଲାଣି ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, କେପେକ୍ସ ଫଣ୍ଡରୁ ବାମ ମୁଖ୍ୟ କେନାଲ ଓ ଲିଫ୍ଟ କେନାଲ ସର୍ଭିସ୍ ରୋଡ୍ ପାଇଁ ଯଥାକ୍ରମେ ୨୧ କୋଟି ଏବଂ ୧୯ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ବୈଷୟିକ ନିୟମ ଅନୁଯାୟୀ, ଏହି ପୁରୁଣା ରାସ୍ତାରେ ପ୍ରଥମେ ଆବଶ୍ୟକ ସ୍ଥଳେ ମାଟି କାମ କରି ଉପଯୁକ୍ତ ରୋଲିଂ ପରେ ୩୦୦ଏମ୍‌ଏମ୍ ଡବ୍ଲ୍ୟୁଏମ୍‌ଏମ୍, ୭୫ଏମ୍‌ଏମ୍‌ର ପିଚୁସ୍ତର ସହ ୩୦୦ ଏମ୍‌ଏମ୍ ମୋରାମ ପଡ଼ିବା କଥା। ମାତ୍ର ଅଭିଯୋଗ ହେଉଛି ଯେ, ଲାଭଖୋର ମନୋଭାବ ରଖି ନିର୍ମାଣ କାର୍ଯ୍ୟରେ ନିୟମକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ତରବରିଆ ଭାବେ କାମ ସାରି ବିଲ୍ ହଡ଼ପ କରିବା ପାଇଁ ପେଟି ଠିକାଦାରମାନେ ନିମ୍ନମାନର ସାମଗ୍ରୀ ବ୍ୟବହାର କରିଥିବା ସ୍ପଷ୍ଟ ଜଣାପଡୁଛି। ରାସ୍ତାର ଏଭଳି ସ୍ଥିତି ନେଇ ଯେତେବେଳେ ଇନ୍ଦ୍ରାବତୀ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରାଯାଉଛି, ସେମାନେ ନିଜ ମୁଣ୍ଡରୁ ଦୋଷ ଛଡାଇ ଓସିସି ଉପରକୁ ଠେଲି ଦେଉଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ଯଦି କାର୍ଯ୍ୟ ଓସିସି କରୁଛି, ତେବେ ତଦାରଖ କରିବା ଦାୟିତ୍ୱ କଣ ବିଭାଗୀୟ ଯନ୍ତ୍ରୀଙ୍କର ନୁହେଁ? ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସାଧାରଣଜନତାଙ୍କ ଟଙ୍କାର ଅପବ୍ୟବହାରକୁ ସହ୍ୟ କରାଯିବ ନାହିଁ ବୋଲି କହିଛନ୍ତି। ଅପରପକ୍ଷରେ, ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଇନ୍ଦ୍ରାବତୀ ଅଧିକାରୀମାନେ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ତଦନ୍ତ କେବଳ କାଗଜପତ୍ରରେ ସୀମିତ ରହିବ ନା ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ତାହା ଦେଖିବାକୁ ବାକି ରହିଲା।

**● ସହରରେ ଖୁଚୁରା ଅଭାବ**

## ଏସ୍‌ବିଆଇ ପରିଚାଳକଙ୍କ ସହ ଆଲୋଚନା

କେସିଙ୍ଗା, ୧୧।୩(ସମିସ): କେସିଙ୍ଗା ସହରରେ ୧୦ ଓ ୨୦ଟଙ୍କିଆ ନୋଟ୍‌ର ଘୋର ଅଭାବ ପରିଲକ୍ଷିତ ହୋଇଛି। ଯାହାକୁ ନେଇ ଖୁଚୁରା ବ୍ୟବସାୟୀ ଓ ଜନସାଧାରଣଙ୍କ ଦୈନନ୍ଦିନ ଜନିପରିବା ହେଉ ବା ସଉଦା କ୍ରୟ କରିବାରେ ଅନେକ ସମସ୍ୟା ଦେଖା ଦେଉଛି। ଏ ବିଷୟକୁ ନେଇ କେସିଙ୍ଗା ବ୍ୟବସାୟୀ ସେଲ୍‌ଫ, ଭାଜପା କଳାହାଣ୍ଡିର କୋର୍ଡିନେଟର୍ ବର୍ଣ୍ଣି ଜୈନ୍‌ଙ୍କ ନେତୃତ୍ୱରେ ବିଜେପି କେସିଙ୍ଗା ନଗରର ପୂର୍ବତନ ସଭାପତି ବନଛୋର, ପ୍ରଶାନ୍ତ ବାନାର୍ଜୀ, ଜିଲ୍ଲା ପ୍ରତିନିଧି କମଳାକାନ୍ତ ସାହୁ ଓ ସାଧାରଣ ସମ୍ପାଦକ ଯୁଗଳ କିଶୋର ଦୀପ ବୁଧବାର ଦିନ କେସିଙ୍ଗା ଏସ୍‌ବିଆଇ ବ୍ରାଞ୍ଚ ମେନେଜର ଲିଙ୍ଗରାଜ ମହାନନ୍ଦଙ୍କ ସହିତ ଆଲୋଚନା କରିଥିଲେ। ଶ୍ରୀ ମହାନନ୍ଦ ଏସ୍‌ବିଆଇ ଖାତାଧାରୀ ସମସ୍ତ ଗ୍ରାହକଙ୍କୁ ୫ହଜାର ଟଙ୍କାର ଖୁଚୁରା ଟଙ୍କା ଦେବାକୁ ଆଶ୍ୱାସନା ଦେଇଛନ୍ତି। ଉକ୍ତ ବିଷୟ ଉପରେ ଶାଖା ପରିଚାଳକଙ୍କ ସହିତ ଆଲୋଚନା କରିବାରୁ ସହରରେ ଖୁଚୁରା ଅଭାବ ରହିଛି ଏଥିରେ ସନ୍ଦେହ ନାହିଁ ଆମ ପାଖକୁ ଯଦି ଖୁଚୁରା ଆସିବ ନିଶ୍ଚୟ କେସିଙ୍ଗାବାସୀଙ୍କୁ ଦିଆଯିବ ତିନି ଚାରି ଦିନ ତଳେ କିଛି ଖୁଚୁରା ଆସିଥିଲା ଯାହା ଅଞ୍ଚଳର ବ୍ୟବସାୟୀଙ୍କୁ ଦିଆଯାଇଛି। ଆହୁରି ଖୁଚୁରା ପାଇଁ ଭବାନୀପାଟଣା ଷ୍ଟେଟ ବ୍ୟାଙ୍କକୁ ଅନୁରୋଧ କରିଛି। ଦିନ ଦୁଇଦିନ ଭିତରେ ଆହୁରି ଖୁଚୁରା କେସିଙ୍ଗା ବ୍ୟାଙ୍କକୁ ପହଞ୍ଚିବ ଏବଂ ଅଞ୍ଚଳରେ ଖୁଚୁରାର ସମସ୍ୟା କିଛିମାତ୍ରାରେ ଦୂର ହେବ ବୋଲି କହିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର



କୋକସରା, ୧୧।୩(ସମିସ): ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ସଦର ମହକୁମାସ୍ଥିତ ଦାସ କଲୋନୀ ନିକଟରେ ବୁଧବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତକ ଝରିଆଗୁଡା ଗ୍ରାମର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ(୫୩) (ଗ୍ରାମରକ୍ଷୀ)ଙ୍କ ମୃତ୍ୟୁ ହୋଇଥିବା ବେଳେ ଆଁଟିଗାଁ କାନ୍ଦୁଲଗୁଡାର ଗୁପ୍ତେଶ୍ୱର ନାଏକ (୨୬) ଗୁରୁତର ହୋଇଛନ୍ତି। ସୂଚନାନୁସାରେ, ଝରିଆଗୁଡା ଗ୍ରାମର ଗ୍ରାମରକ୍ଷୀ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ କୋକସରା ଥାନାକୁ ଡିଉଟିରେ ଆସି ସ୍ଥାନୀୟ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ପକାଇ ଫେରୁଥିବା ସମୟରେ କୋକସରା ପଟୁ ଆସୁଥିବା ଗୁପ୍ତେଶ୍ୱର ନାଏକଙ୍କ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଫଳରେ ଉଭୟ ବାଇକରେ ଥିବା ଦୁଇ ଜଣ ଯାକ ଗୁରୁତର ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଗୋବିନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଗୁରୁତର ଥିବା ଗୁପ୍ତେଶ୍ୱରଙ୍କୁ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। କୋକସରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତ ଯୁବକଙ୍କ ଶବ କୋକସରା ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବିପୁଳ ମଦ ଜବତ, ୩ ଗିରଫ

ଜୟପାଟଣା, ୧୧।୩(ସମିସ): କଳାହାଣ୍ଡି ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ କାରବାର ବିରୋଧରେ ଏକ ବଡ଼ ଧରଣର ସଫଳତା ମିଳିଛି। ଧର୍ମଗଡ଼ ଅବକାରୀ ନିରୀକ୍ଷକଙ୍କ ନେତୃତ୍ୱରେ ଜୟପାଟଣା ଥାନା ଖଲିଆଭଟା ଅଞ୍ଚଳରେ ଚଢ଼ାଉ କରାଯାଇ ୩ଟି ପୃଥକ ମାମଲା ରୁଜୁ ହେବା ସହ ୩ ଜଣଙ୍କୁ ଗିରଫ କରାଯାଇଛି।ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗର ମିଳିତ ଟିମ୍ ଖଲିଆଭଟା ଗ୍ରାମର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଏହି ସମୟରେ ବେଆଇନ ଭାବେ ବିକ୍ରି ପାଇଁ ରଖାଯାଇଥିବା ୩.୪୫୦ ଲିଟର ବିଦେଶୀ ମଦ ଓ ୧୨.୫୦୦ ଲିଟର ବିୟର ଜବତ କରାଯାଇଛି।ଏହି ବେଆଇନ କାରବାରରେ ସମ୍ପୃକ୍ତ ଥିବା ଦର୍ଶାଇ ଅବକାରୀ ବିଭାଗ ୨ ଜଣ ପୁରୁଷ ଓ ଜଣେ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ ଝଡ଼େଶ୍ୱର ସାହୁ, ରମେଶ ଚନ୍ଦ୍ର ସାହୁ ଓ ଗୋଲି ଶ୍ୟାମଳା ଚୌଧୁରୀ।ଗିରଫ ଅଭିଯୁକ୍ତମାନଙ୍କୁ ଜେଏମ୍‌ଏଫସି କୋର୍ଟକୁ ଚାଲାଣ କରାଯାଇଛି।ଧର୍ମଗଡ଼ ଅବକାରୀ ନିରୀକ୍ଷକ ଅରୁଣ କୁମାର ଯୋଶୀଙ୍କ ତତ୍ତ୍ୱାବଧାନରେ ଚଢ଼ାଉରେ ଜୟପାଟଣା ଅବକାରୀ ଓଆଇସି ସୁରେଶ ଚନ୍ଦ୍ର ଭୋଇ, କୋକସରା ଓଆଇସି ଗୁପ୍ତେଶ୍ୱର ପଟେଲ ସାମିଲ ଥିଲେ। କନଷ୍ଟେବଲ ଅରୁଣାକ୍ଷ ଧ. ମାଝୀ, ରବି ନାଗ, ମହାଦେବ ମାଝୀ, ଖୁସିଦେବ କାଟା, ନିରଞ୍ଜନ ବେହେରା ଓ କିର୍ତ୍ତୀ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ମନଇଚ୍ଛା କରୁଛନ୍ତି ବିଦ୍ୟୁତ୍ ବିଚ୍ଛିନ୍ନ

**● ପଚାରିଲେ ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର**

କୋକସରା, ୧୧।୩(ସମିସ): ଲୋକଙ୍କୁ କୌଣସି ନୋଟିସ୍ ଜାରି ନକରି ମନଇଚ୍ଛା ବିଦ୍ୟୁତ୍ ବିଚ୍ଛିନ୍ନ ଛରୁଛନ୍ତି ଟିପିଡବ୍ଲୁଓଡିଏଲ କର୍ମଚାରୀ। ବିଦ୍ୟୁତ୍ ଉପଭୋକ୍ତା ଏନେଇ ପରାରିଲେ ଅବାନ୍ତର ଚୁକ୍ତି ବାଢୁଛନ୍ତି ଏବଂ ଦୁର୍ବ୍ୟବହାର ମଧ୍ୟ କରୁଛନ୍ତି। କୋକସରା ବିଦ୍ୟୁତ୍ ଗ୍ରୀଡର ଜେଇ ମନମାନି ଚଳାଇ ଆସୁଛନ୍ତି। ଏମିତି କି ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର କରୁଥିବା କିଛି ଉପଭୋକ୍ତା ଅଭିଯୋଗ କରିଛନ୍ତି। ଯଦି କୌଣସି ବିଦ୍ୟୁତ୍ ଉପଭୋକ୍ତା ବିନା ନୋଟିସରେ ବିଦ୍ୟୁତ୍ ବିଚ୍ଛିନ୍ନ କାହିଁକି କରୁଛନ୍ତି ବୋଲି ପଚାରିଲେ ଆମ ଇଚ୍ଛା ଆମେ ଯାହା କରିବୁ ତେମେମାନେ କିଏ ବୋଲି କହୁଥିବା ବହୁ ଉପଭୋକ୍ତା ଗଣମାଧ୍ୟମ ଆଗରେ ବଖାଣିଛନ୍ତି। ଏଣେ ପୂର୍ବରୁ ଉଇସ୍କୋ ସମୟରେ ଥିବା ଏରୀୟର (ବକେୟା) ମଧ୍ୟ ଟିପିଡବ୍ଲୁଓଡିଲର କର୍ମଚାରୀମାନେ ଯୋର ଜବରଦସ୍ତି ଆଦାୟ କରୁଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ସମୟ ଆରମ୍ଭ ହୋଇଥିଲା ବେଳେ ବିଦ୍ୟୁତ୍ ବିଭାଗର ଜେଇ ଓ କର୍ମଚାରୀ ନିଜର ମନମାନି ଚଳାଇ ଆସୁଛନ୍ତି। ମାସେ କି ଦୁଇ ମାସୟ ବକେୟା ଥିବା ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମଧ୍ୟ ବାରମ୍ବାର ବିଦ୍ୟୁତ ବିଲ୍ ପୈଠ କରିବା ପାଇଁ ତାଗିଦ ଉପରେ ତାଗିଦ୍ କରିବା ସହ ଲାଇନ କାଟିବା ନେଇ ଧମକ ଚମକ କରିଆସୁଥିବା ଅଭିଯୋଗ ହୋଉଛି। ବିଦ୍ୟୁତ୍ ଉପଭୋକ୍ତାମାନେ କିଛି ପରିମାଣରେ ବିଲ ପୈଠ କରିବା ପାଇଁ ସେମାନଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ଧ୍ୟାନ ନଦେଇ ଦବଙ୍ଗ ଗିରି ଚଳାଇ ଆସୁଛନ୍ତି। ଏମିତି ବିଦ୍ୟୁତ ବିଲ୍ ସଂଗ୍ରହ କିମ୍ବା ବିଲ୍ ପ୍ରଦାନ ସମୟରେ ଲୋକଙ୍କ ଘରକୁ ଯୋରଜବରଦସ୍ତ ପିସି ଯାଉଛନ୍ତି। ସେମାନଙ୍କ ପାଖରେ କୌଣସି ପରିଚୟପତ୍ର ମଧ୍ୟ ରହୁ ନାହିଁ। ଘରେ କେହି ନ ଥିବା ସମୟରେ ମହିଳାଙ୍କୁ ଡରାଇ ଧମକାଇ ବିଲ୍ ଆଦାୟ କରୁଥିବା ଏକାଧିକ ଅଭିଯୋଗ ହୋଇଛି। ନିୟମ ମୁତାବକ କୌଣସି ବିଦ୍ୟୁତ୍ ଉପଭୋକ୍ତା ନିୟମିତ ବିଲ୍ ପୈଠ ନକଲେ ସେମାନଙ୍କୁ ବିଭାଗ ପକ୍ଷରୁ ନୋଟିସ୍ ଜାରି କରି ବିଦ୍ୟୁତ ବିଚ୍ଛିନ୍ନ କରିବା କଥା। ହେଲେ ଉପଭୋଗଙ୍କୁ କୌଣସି ନୋଟିସ୍ ଜାରି ନକରି ମନଇଚ୍ଛା ଲାଇନ୍ କାଟୁଛନ୍ତି। ଏଣେ ବ୍ୟାବସାୟିକ ସଂସ୍ଥାମାନଙ୍କ ସହିତ ହାତ ମିଳାଇ ବିଦ୍ୟୁତ୍ ବିଭାଗର କର୍ମଚାରୀ ମନଇଚ୍ଛା ଲାଇନ୍ କଟୁଥିବା ଅନେକ ନିଜିର ରହିଛି। ଦାୟିତ୍ୱରେ ଥିବା ଜେଇ ଓ ଏସଡିଓଙ୍କ ପ୍ରତିକ୍ରିୟା ନେବାରୁ କୌଣସି ସନ୍ତୋଷଜନକ ଉତ୍ତର ନଦେଇ ଫୋନ୍ କାଟି ଦେଇଥିଲେ।

**ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

## ଉତ୍ତର ପିଢିଙ୍କ ଉପରେ ନିର୍ଭର ଓଡିଆ ଭାଷାର ଭବିଷ୍ୟତ




ଭବାନୀପାଟଣା, ୧୧।୩ (ସମିସ): ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ଦ୍ୱାରା କୁଳପତି ଡ.ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ-୨୦୨୬ ପାଳିତ ହୋଇଯାଇଛି। ଓଡିଆ ଭାଷାର ପ୍ରାଚୀନତା ସମ୍ପର୍କରେ ଭୁବନେଶ୍ୱରର ହାତୀଗୁମ୍ଫା ଶିଳାଲେଖ ଓ ଦ୍ୱୈଭାଷିକ ଶିଳାଲେଖର ଉଦାହରଣ କୁଳପତି ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। କୁଳସଚିବ ଡକ୍ଟର ଗୁଣନିଧି ନାଏକ ଓଡିଆ ଭାଷାର ଭବିଷ୍ୟତ ଓ ସଂରକ୍ଷଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉପକୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ମାତୃଭାଷା ଓଡିଆର ଗୁରୁତ୍ୱ ବିଷୟରେ କହିଥିଲୋ। ଡ. ଉମେଶ ଚନ୍ଦ୍ର ଶତପଥି ମାନକଭାଷା ଓ ଆଞ୍ଚଳିକ ଭାଷାର ପରିସର ବିଷୟରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ମୁଖ୍ୟ ଡକ୍ଟର ପଲ୍ଲୀଶ୍ରୀ ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ ଦେଇ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଦିବସରେ ଓଡିଆ ଭାଷା ପ୍ରତିଷ୍ଠାନର ଯୁଗ୍ମସଚିବ ତଥା ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ସଦସ୍ୟ ସୁଦର୍ଶନ ଦାଶ ବକ୍ତା ରୂପେ ଯୋଗଦାନ କରି ଓଡ଼ିଆ ଭାଷାର ପ୍ରାଚୀନତା ଓ ଶାସ୍ତ୍ରୀୟ ମାନଦଣ୍ଡ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ଶାସ୍ତ୍ରୀୟ ଓଡିଆ ଭାଷାର ମହତ୍ତ୍ୱ ପ୍ରାଚୀନ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ବୁଝାଇଥିଲେ। ଓଡିଆ ଭାଷାର ଅବକ୍ଷୟ ଓ ଅଭ୍ୟୁଦୟ ବିଷୟରେ ଆଲୋଚନା କରି ତାର ଭବିଷ୍ୟତ ଉତ୍ତର ପିଢି ଓଡିଆଙ୍କ ଉପରେ ନିର୍ଭର କରେ ବୋଲି କହିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ଡକ୍ଟର ପ୍ରତ୍ୟାଶା ଧଳ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ଶ୍ରୀମାନ ବାଲ୍ମିକୀ କରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡୋଳାମଣି ଧରୁଆ, ଡକ୍ଟର ସାଗରିକା ଦଳାଇ, ସୁବ୍ରତ ମାଝୀ, ରେଣୁକା ଡାକୁଆ, ରାମଶଙ୍କର ମେହେର, ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ପବିତ୍ର କୁମାର ବାଗ, କଳାହାଣ୍ଡି ଲେଖିକା ପରିଷଦର ସଭାନେତ୍ରୀ ସୁଦେଷ୍ଣା ପଣ୍ଡା ଓ ସମ୍ପାଦିକା କଳ୍ପନା ରଥ ତଥା ସମସ୍ତ ଗବେଷକ-ଗବେଷିକା ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ଉକ୍ତ ଦିବସ ସଫଳ ହୋଇଥିଲା।

## ନାବାର୍ଡ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ



ଭବାନୀପାଟଣା, ୧୧।୩(ସମିସ): ନାବାର୍ଡ କଳାହାଣ୍ଡି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଲିର ସଭାଗୃହରେ ପାଳିତ ହୋଇଯାଇଛି। ଏହି ଅବସରରେ ନାରୀ ସଶକ୍ତିକରଣ ଉପରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗିରୀଶ ଚନ୍ଦ୍ର ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ, ବନଲତା ଧଳ, ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡିର କୁଳପତି ଡ. ନିବେଦିତା ନାଥ ଓ ପ୍ରଫେସର ପଲ୍ଲିଶ୍ରୀ ପଟ୍ଟନାୟକ, ଭବାନୀପାଟଣା କେନ୍ଦ୍ରସମବାୟ ନିର୍ଦ୍ଦେଶିକା ମନିଷା ସାହୁ, ଅଲ୍ପନା ପଟ୍ଟନାଏକ, ହିମାଦ୍ରି ନାଏକ, ବିଜୟ ଲକ୍ଷ୍ମୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ନାରୀମାନେ କିପରି ସଶକ୍ତ, ସ୍ୱବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇ ପାରିବେ ଆଲୋଚନା କରିଥିଲେ। ଆଲୋଚନାଚକ୍ରକୁ ଡିଡିଏମ ନାବାର୍ଡ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ, ଶିକ୍ଷାବିତ, ଉଦ୍ୟୋଗୀ ଓ ଅନ୍ୟ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାମାନେ ଯୋଗ ଦେଇ ଅତିଥିମାନଙ୍କ ସହ ନିଜର ଭାବ ବିନିମୟ କରି ଥିଲେ। ଶେଷରେ ମହିଳା ଦିବସ ଉପଲକ୍ଷେ ରାମବତୀ ଦଣ୍ଡସେନା, ଜୁଲି ଯୋଷୀ, କ୍ଷୀର ମଣି କୁମ୍ଭାର, କୌଶଲ୍ୟା ମାଝୀ ଓ ଗୋମତୀ ଦଣ୍ଡସେନା ପ୍ରମୁଖ ଉଦ୍ୟୋଗୀ ମାନଙ୍କୁ ପ୍ରମାଣପତ୍ର ସହ ଉପହାର ଦେଇ ସମ୍ମାନିତ କରାଯାଇଥିଲା।ଶେଷରେ ଏଜିଏମ ପ୍ରତୀକ୍ଷା ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

**● ଦୁର୍ନୀତିର ସ୍ୱର ଉତ୍ତୋଳନ କଲେ ଧମକ**

## ସୋସିଆଲ ମିଡିଆରେ ଘୂରିବୁଲୁଛି କଲ ରେକର୍ଡିଂ

ଗୋଲାମୁଣ୍ଡା, ୧୧।୩(ସମିସ): ଗୋଲାମୁଣ୍ଡା ବ୍ଲକରେ ଉଠାଜଳସେଚନ ବିଭାଗରେ ହେଉଥିବା ଦୁର୍ନୀତିକୁ ବିରୋଧ କରିବାରୁ ଜଣେ ସାମ୍ବାଦିକଙ୍କୁ ଉଠାଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁବ୍ରତ ପଟ୍ଟନାୟକ ଧମକ ଦେଇଥିବା ସୋସିଆଲ ମିଡିଆରେ ଘୁରି ବୁଲୁଛି। ସୂଚନାରୁ ପ୍ରକାଶ କଳାହାଣ୍ଡି ଗୋଲାମୁଣ୍ଡା ବ୍ଲକର ଗଣ୍ଡାମେର ପଞ୍ଚାୟତ ବାବେଗୁଡା ଗ୍ରାମର ପାଞ୍ଚଜଣ ଚାଷୀ ମୁଚ କେତକୀ, ମୋହନଚରଣକେତକୀ, ବରୁଣକେତକୀ, ନେତ୍ରା କେତକୀ, ସାନୁର୍ଯ୍ୟ କେତକୀ ମିଶି ବୋରୱେଲ ଖୋଳିବାକୁ ଉଠା ଜଳସେଚନ ବିଭାଗ ନାମରେ ଅନଲାଇନ କରିଥିଲେ। ପାଞ୍ଚ ଜଣ ସହିତରେ ଆଉ ଜଣକୁ ସଂଯୋଗ କରିବାକୁ ବିଭାଗୀୟ ଯନ୍ତ୍ରୀ ସୁବ୍ରତ ପଟ୍ଟନାୟକ ୧୫୦୦ଟଙ୍କା ନେଉଥିବା ବେଳେ ପାଣି ପରୀକ୍ଷା କରିବା ପାଇଁ ଜଣ ପିଛା ୪ଶହ ଟଙ୍କା, ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୨୫୦୦ରୁ ୩ହଜାର ଟଙ୍କା ନେଉଥିବା ଚାଷୀଙ୍କ ଠାରୁ ପ୍ରକାଶ ପାଇଛି। ଏ ନେଇ ଗୋଲାମୁଣ୍ଡା ବ୍ଲକ ସାମ୍ବାଦିକ ଚନ୍ଦ୍ର କେତକୀ ଖବର ପାଇ ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ କରିଥିଲେ। ଯନ୍ତ୍ରୀ ତାଙ୍କୁ ଓଲଟା ଧମକ ଦେଇଥିବା ପ୍ରକାଶ କରିଛନ୍ତି। ଏହାର ରେକର୍ଡିଂ କଲ ବିଭିନ୍ନ ସୋସିଆଲ ମିଡିଆରେ ଘୁରି ବୁଲୁଥିବା କଥା ମଧ୍ୟ କହିଛନ୍ତି।ତୁରନ୍ତ ରାଜ୍ୟସରକାର ଏହାର ଭିଜିଲାନ୍ସସ୍ତରୀୟ ତଦନ୍ତ କଲେ ଉଠାଜଳସେଚନ ବିଭାଗର ଗୁମର ଖୋଲିବ ବୋଲି ସାମ୍ବାଦିକ ସମୂହ ଦାବି କରିଛନ୍ତି।

## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସମୀକ୍ଷା ବୈଠକ

ନୂଆପଡ଼ା, ୧୧।୩(ସମିସ): ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମୀକ୍ଷା ବୈଠକରେ ବିଭାଗର ସମସ୍ତ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ଜିଲ୍ଲାରେ ୧୧୦୯୪୯ ଜଣ ହିତାଧିକାରୀ ବାର୍ଦ୍ଧକ୍ୟ, ବିଧବା ତଥା ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ଚଳିତ ଆର୍ଥିକ ବର୍ଷରେ, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୬୧୪ ଜଣଙ୍କୁ, ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ଯୋଜନାରେ ୬୮ ଜଣଙ୍କୁ, ଭିନ୍ନକ୍ଷମ ଛାତ୍ର ବୃତ୍ତି ଯୋଜନାରେ ୪୧ ଜଣଙ୍କୁ ଓ ବାଣୀଶ୍ରୀ ଛାତ୍ର ବୃତ୍ତି ଯୋଜନାରେ ୪୦୦ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବୈଠକରେ ଦିବ୍ୟାଙ୍ଗ ସହାୟତା ଅଭିଯାନ, ମଧୁବାବୁ ପେନସନ ଯୋଜନା, ଦିବ୍ୟାଙ୍ଗ ପେନସନ, ଜାତୀୟ ପରିବାର କଲ୍ୟାଣ ଯୋଜନା ଏବଂ ତୃତୀୟ ଲିଙ୍ଗୀମାନଙ୍କ ପାଇଁ 'ସ୍ୱୀକୃତି'ଯୋଜନାର ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ 'ବିଧବା ସହାୟତା ଅଭିଯାନ'ରେ ଆସୁଥିବା ସମସ୍ତ ବାଧାକୁ ଦୂର କରିବାକୁ ନିର୍ଦ୍ଦେଶ ଦେଇଥିଲେ।ଜିଲ୍ଲାର ସମସ୍ତ ବିଧବାମାନଙ୍କ ଡାଟାବେସ ଶୀଘ୍ର ସମ୍ପନ୍ନ କରି ସେମାନଙ୍କୁ ଆବଶ୍ୟକ ସହାୟତା ସହିତ ଜୀବନ ଜୀବିକାର ସୁଯୋଗ ଯୋଗାଇ ଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ଜାତୀୟ ପରିବାର କଲ୍ୟାଣ ଯୋଜନା ସହିତ ଅନ୍ୟାନ୍ୟ ସମାଜିକ ସୁରକ୍ଷା ଯୋଜନାରେ ଥିବା ଅନ୍ତରାଳକୁ ମଧ୍ୟ ସମାଧାନ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏହି ଅବସରରେ, ଜିଲ୍ଲାପାଳ ଖଡ଼ିଆଳ ବ୍ଲକ ତୁକଲା ଗ୍ରାମର ଚିତ୍ତରଞ୍ଜନ ଦାଶଙ୍କୁ ଫେବୃଆରି ମାସ ପାଇଁ ଦିବ୍ୟାଙ୍ଗ ମିତ୍ର ପୁରସ୍କାର ପ୍ରଦାନ କରିଥିଲେ। ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଧନେଶ୍ୱର ସେଠୀ, ଉପଜିଲ୍ଲାପାଳ ଶ୍ରୀମତୀ ସୁର୍ମି ସୋରେନ, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ହରିଶଙ୍କର ନିଆଲ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତି ରେଖା ନନ୍ଦ ଏବଂ ବିଭାଗର ବ୍ଲକସ୍ତରୀୟ, ବିଜ୍ଞାପିତ ଅଞ୍ଚଳସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।



# ଜିଲ୍ଲାସ୍ତରୀୟ 'ସୁଭଦ୍ରା' ଶକ୍ତି ମେଳା

**ଉଦ୍ୟୋଗୀ ଓ ସ୍ୱୟଂସହାୟକ ଗୋଷ୍ଠୀ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ**

ନୂଆପଡ଼ା, ୧୧।୩(ସମିସ)



ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗର ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳା ନୂଆପଡ଼ା ସ୍ଥିତ ନ୍ୟାସନାଲ ମହାବିଦ୍ୟାଳୟ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି ମେଳା ମାର୍ଚ୍ଚ ୧୦ ରୁ ୧୬ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଆୟୋଜିତ ହେବ। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ନୂଆପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୂଆପଡ଼ା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଖଡ଼ିଆଳ ଅଜିଜ ଖାନ, ନୂଆପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆରରୋଡ଼ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ଓ ଜିଲ୍ଲା ପରିଷଦ ସଭ୍ୟା ଉମା ଠାକୁର ଉପସ୍ଥିତ ଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ମେଳା ଉଦ୍‌ଘାଟନ କରାଯାଇଥିଲା। ପରେ ଅତିଥିମାନେ ଷ୍ଟଲଗୁଡ଼ିକ ପରିଭ୍ରମଣ କରି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ, ଘରୋଇ ଉତ୍ପାଦ, ଖାଦ୍ୟ ପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ବୁଲି ଦେଖିଥିଲେ। ପରେ ସାଂସ୍କୃତିକ ସନ୍ଧ୍ୟାର ଶୁଭାରମ୍ଭ ହୋଇଥିଲା। ଆୟୋଜିତ ସଭାରେ ଅତିଥିମାନେ ମହିଳା ସଶକ୍ତିକରଣ ଓ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଆର୍ଥିକ ଉନ୍ନତିରେ ମେଳାର ଗୁରୁତ୍ୱ ରହିଛି ବୋଲି କହିଥିଲେ। ମେଳା ଉପଲକ୍ଷେ ଆୟୋଜିତ ଦୌଡ଼ ଡିଆଁ ଓ ମେହେନ୍ଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମରେ କୋମନାର ରାଧେଶ୍ୟାମ ଘୁମୁରା ଦଳ, ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ନୂଆପଡ଼ା କେଜିବିଭି ବିଦ୍ୟାଳୟ, କୋଶଳ ଫୋକ ଏକାଡେମୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ପ୍ରଥମ ଦିନ ସନ୍ଧ୍ୟାରେ ଆୟୋଜିତ ଷ୍ଟାର ନାଇଟ କାର୍ଯ୍ୟକ୍ରମରେ ପ୍ରସିଦ୍ଧ କଳାକାର ଭାଗ୍ୟଶ୍ରୀ, ଦେବେଶ ପତି ଓ ଶୁଭଲକ୍ଷ୍ମୀଙ୍କ ଅର୍କେଷ୍ଟ୍ରା ଦର୍ଶକମାନଙ୍କୁ ମନୋମୁଗ୍ଧ କରିଥିଲା। ସପ୍ତାହ ବ୍ୟାପୀ ଚାଲିବାକୁ ଥିବା ମେଳାରେ ଜିଲ୍ଲା ଓ ରାଜ୍ୟର ପ୍ରାୟ ୩୦୦ ଉଦ୍ୟୋଗୀ ଓ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ତାଙ୍କର ହସ୍ତଶିଳ୍ପ, ଘରୋଇ ଉତ୍ପାଦ, ଖାଦ୍ୟ ପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି।

# ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**କୁତ୍ରା,୧୧।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍‌ସ୍ଥିତ ଅମ୍ବଗୋଭା ପଞ୍ଚାୟତ ଅଧୀନ ଏଲଗା ଗ୍ରାମରେ ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ପରିବେଶ ଅଧ୍ୟୟନ କେନ୍ଦ୍ର ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଗଏରବାହାଲର ଇକୋ କ୍ଲବ୍ ସହଯୋଗରେ ଏଲଗା ପାହାଡ଼ ନିକଟ ହନୁମାନ ମନ୍ଦିର ପାଖ ଜଙ୍ଗଲରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଗଏରବାହାଲର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାଶ କାର୍ଯ୍ୟକ୍ରମ ଆୟୋଜିତ କରାଇଥିଲେ । ଲୋକମାନଙ୍କୁ ସଚେତନ କରିବାପାଇଁ ବିଦ୍ୟୁତ ବିଭାଗ ଅଧିକାରୀ ବିକାଶ ମହାପାତ୍ର ଯୋଗଦେଇ ହାତୀମାନଙ୍କୁ ବିଦ୍ୟୁତ ଆଘାତରୁ ସୁରକ୍ଷା ଦେବାପାଇଁ ବିଭିନ୍ନ ଉପାୟ ଜଣାଇଥିଲେ । ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ ଯେ ହାତୀମାନଙ୍କୁ ଦୂରେଇ ରଖିବା ପାଇଁ ସୌର ଝଟକା ମେସିନ ବ୍ୟବହାର କରନ୍ତୁ । ଏଥିରେ ହାତୀ ମୃତ୍ୟୁ ହେବନାହିଁ । ହାତୀ ସାମାନ୍ୟ ଆଘାତ ପାଇ ପଳାଇବ । ଏହି ମେସିନ ପାଇଁ ସରକାର ରିହାତି ଦେଉଛନ୍ତି । ଏହି ମେସିନ ଖରାପ ହେଲେ ବିକ୍ରି କରିଥିବା ସଂସ୍ଥା ଠିକ ଭାବରେ ମରାମତି କରିଦେବ । ବନପାଳ ଦୀପନ କୁମାର ପଟେଲ ହାତୀ ଓ ବନ୍ୟପ୍ରାଣୀ ସୁରକ୍ଷା ଓ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀ ଆକ୍ରମଣରେ ମଣିଷ ମୃତ୍ୟୁହେଲେ ସରକାରୀ ସହାୟତା ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ । କୁତ୍ରା ଥାନାର ସୁରୁ ବିଶ୍ୱାଳ ବନ୍ୟ ପ୍ରାଣୀ ସମ୍ପର୍କିତ ଅପରାଧିକ ମାମଲା ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ । ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ରାଇନୁ ସିଂହ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ପ୍ରଶାସନିକ କାର୍ଯ୍ୟକାଳରେ କିପରି ବନ୍ୟପ୍ରାଣୀ ଓ ହାତୀ ସୁରକ୍ଷା ଓ ମଣିଷ ଓ ହାତୀ ଲଢେଇରେ ମଣିଷର ମୃତ୍ୟୁହେଲେ କିପରି ତୁରନ୍ତ ସହାୟତା ଯୋଗାଉଥିଲେ ତାହା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ରୋଷାନ ପ୍ରସାଦ, ପୂଜାରଣୀ ଦେବସା, ଏଲଗା ଗ୍ରାମର ସୁଭାଷ ଭଗତ, ଝରଣା ଭଗତ, ସୁଶୀଲ ଭଗତ, ରାଜକୁମାର କୁଜୁର, ମଙ୍ଗଳ କୁଜୁର ସୁନ୍ଦରମଣି ଭଗତ, ସୁନାରମ କୁଜୁର, ପଞ୍ଚାନନ କୁଜୁର, ପ୍ରଭୁଦାସ ବାଡ଼ା ଯୋଗ ଦେଇଥିଲେ ।

# ଦରଦାମ୍ ଆକାଶଛୁଆଁ; ଖାଉଟି ହନ୍ତସନ୍ତ

**ବଣାଇଁ,୧୧।୩ (ସମିସ):** ମଧ୍ୟ ପ୍ରାଚ୍ୟରେ ଯୁଦ୍ଧର ଘନଘଟା ଖାଉଟିଙ୍କ ମୁଣ୍ଡରେ ଚଡ଼କ ପକାଇଛି । ଘରୋଇ ଗ୍ୟାସ ଦର୍ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ଏବେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ହେବାର ଆଶଙ୍କା ଦେଖାଦେଇଛି । ରିଫାଇନ ତେଲ କେଜି ପ୍ରତି ୧୬୦ ଟଙ୍କାରୁ ୧୬୫ ଟଙ୍କା ରହିଛି । ସୋରିଷ ତେଲ କେଜି ପ୍ରତି ୨୧୦ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିପରି ହରଡ଼ ଡାଲି କେଜିପ୍ରତି ୧୨୦ ଟଙ୍କାରୁ ନେଇ ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି । ମୁଗଡ଼ାଲି କେଜି ୧୧୦ ଟଙ୍କାରୁ ନେଇ ୧୪୦ ଟଙ୍କା ପର୍ଯ୍ୟନ୍ତ । ଖାଉଟିଙ୍କ କହିବା ଅନୁସାରେ ନୂଆ ସରକାର ଆସିବା ପରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ହୁହୁ ହୋଇ ବଢ଼ିବାରେ ଲାଗିଛି । ବେପାରୀମାନେ ରାଉରକେଲା ସହରରୁ ଯାଇ ମାଲ୍ ଆଣି ଏଠାରେ ବିକ୍ରି କରୁଛନ୍ତି । ବଣାଇଁର ଉଭୟ ଛୋଟ ଓ ବଡ଼ ବେପାରୀଙ୍କ କହିବା ଅନୁସାରେ ରାଉରକେଲା ସହରରେ ଥିବା ହୋଲ୍‌ସେଲ୍‌ରେ ଚଢ଼ାଦରରେ ସାମଗ୍ରୀ ବିକ୍ରି ହେଉଛି । ଫଳରେ ସେମାନଙ୍କୁ ମଧ୍ୟ ଚଢ଼ାଦରରେ ଖାଉଟିଙ୍କୁ ସାମଗ୍ରୀ ବିକ୍ରି କରିବାକୁ ପଡୁଛି । ତେଣୁ ବୃଦ୍ଧି ପାଉଥିବା ଦରରେ ଆଗକୁ ଲଗାମ୍ ଲାଗିବ ନା ନାହିଁ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଖାଉଟି ।

## ଖଣ୍ଡାଧାର ମହୋତ୍ସବ ଉଦ୍‌ଯାପିତ

# କଳା ଓ ସଂସ୍କୃତିରେ ଝଲସିଲା ମଞ୍ଚ

ରାଉରକେଲା,୧୧।୩(ସମିସ)



ଅବଲୁପ୍ତ କଳା ଓ ବିଲୁପ୍ତ ପ୍ରାୟ ସଂସ୍କୃତିର ପୁନରୁତ୍ଥାନ ପାଇଁ ପ୍ରଚେଷ୍ଟାର ମଞ୍ଚ 'ଖଣ୍ଡାଧାର ମହୋତ୍ସବ' ଉଦ୍‌ଯାପିତ ହୋଇଯାଇଛି । ତିନିଦିନ ଧରି ଚାଲିଥିବା ଏହି ମହୋତ୍ସବର ପ୍ରଥମ ଦିନରେ ବଣାଇଁର ପ୍ରଶିଦ୍ଧ ଶୈବପୀଠ ବାବା ବାଣେଶ୍ୱରଙ୍କ ନିକଟରେ ବଣାଇଁ ରାଜା ସାହେବ ବୀର କିଶୋର ଇନ୍ଦ୍ର ଦେଓ ଦେବ ଓ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ କୁମାର ପିଲ୍ଲେଙ୍କ ସମେତ ମହୋତ୍ସବ କମିଟି କର୍ମକର୍ତ୍ତା ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ । ପରେ ଏକ ଶୋଭାଯାତ୍ରାରେ କଳାହାଣ୍ଡି କଟାପ୍ପାଙ୍କ ସହିତ ଅନେକ ସାଂସ୍କୃତିକ ଦଳ ଶୋଭାଯାତ୍ରାରେ ବାହାରି ବଣାଇଁ ସହର ପରିକ୍ରମା କରିଥିଲେ । ସନ୍ଧ୍ୟାରେ ରାଜ୍ୟ ତଥା ଦେଶ ର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାର ଉଚ୍ଚକୋଟୀର କଳା ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ । ସେହିଭଳି ଦ୍ୱିତୀୟ ଦିବସରେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ବଣାଇଁ ଡିଏଫଓ ଲଳିତ କୁମାର ପାତ୍ର ଓ ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ଅନ୍ତିମ ଦିବସରେ ସୁରେନ୍ଦ୍ର ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ଇଂ ପ୍ରଦୀପ୍ତ ମହାନ୍ତି ଉପସ୍ଥିତ ରହି କଳାକାରମାନଙ୍କୁ ପ୍ରସଂଶା କରିଥିଲେ । ତିନିଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାର ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଆୟୋଜନ କରାଯାଇ ଉତ୍କୃଷ୍ଟ କଳା ପ୍ରଦର୍ଶନ ଚୟନ କ୍ରମେ ପ୍ରଥମ ଭାବେ ବରଘାଟ ଆଦିବାସୀ ଓରାମ ନୃତ୍ୟ ଓ ଦ୍ୱିତୀୟ ଭାବେ ଠାକୁରପାଲୀ ଆଦିବାସୀ କିଷାନ ନୃତ୍ୟ ଶ୍ରେଷ୍ଠ ବିବେଚିତ ହୋଇ ଆର୍ଥିକ ପୁରସ୍କାର ଗ୍ରହଣ କରିଥିଲେ । ଏହି ମହୋତ୍ସବରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଯଥା ସ୍ୱର୍ଗତଃ ଦିଲ୍ଲୀପ ତ୍ରିପାଠୀ ସ୍ମୃତି ସମ୍ମାନରେ ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ବରିଷ୍ଠ ସାମ୍ବାଦିକ ଜଟାଧାରୀ ମାଝୀ, କର୍ତ୍ତବ୍ୟନିଷ୍ଠ ସମ୍ମାନରେ କୋଇଡ଼ା ବନପାଳ ପ୍ରତାପ କୁମାର ସାହୁ, ସେବା ଧର୍ମ ସମ୍ମାନରେ ବାଦଲ ବାରିକ, ଗଣୁଆଁ କୋଇଡ଼ା, ସ୍ୱର୍ଗତଃ କୁମାର ଗୌତମ ବାରିକ ସ୍ମୃତି ସମ୍ମାନରେ ଅଧ୍ୟାପିକା ପ୍ରଣତି ବେହେରା, ସ୍ୱର୍ଗତଃ ରମେଶ ଚନ୍ଦ୍ର ବେହେରା ସ୍ମୃତି ସମ୍ମାନରେ ବାଣୀପୁତ୍ର ସୁବେଦାର ଦେବରାଜ କିଷାନ ସୁଆରପାଲୀ, ମହିଳା ଦିବସରେ ଅନନ୍ୟା ପ୍ରତିଭାରେ ଭିନ୍ନକ୍ଷମ ବର୍ଗରେ ଜାତୀୟ ପାରା ଆଥଲେଟ ଆଶା ସିଂହ, ସିହିଡିଆଙ୍କୁ ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଆକାଶବାଣୀ ରାଉରକେଲାର ଜଣାଶୁଣା ଉଦ୍‌ଘୋଷିକା ଶୁଭଶ୍ରୀ ଦାସ ମଞ୍ଚ ପରିଚାଳନା କରିଥିଲେ । ମହୋତ୍ସବରେ ସଭାପତି ପ୍ରଦୀପ ତ୍ରିପାଠୀ, ସମ୍ପାଦକ ଧିରୋଜ ସାହୁ, କୋଷାଧ୍ୟକ୍ଷ ଚିନ୍ମୟ ତ୍ରିପାଠୀଙ୍କ ସମେତ ଖଗେଶ୍ୱର ବାରିକ, ବିକ୍ରମ ବାରିକ, ଶ୍ୱେତ ବସନ୍ତ ବିଶ୍ୱାଳ, ଉମେଶ ସାହୁ, ବିରଜା ପ୍ରସାଦ ମହାନ୍ତି, ସିରାଜ ଖାନ, ସୁରଜ ପ୍ରତାପ ମହାନ୍ତି, ହବିବ ଖାନ, ପ୍ରଭାତ ବେହେରା, ଶୁଭ ସଂକେତ ବାରିକ, ଲିଙ୍ଗରାଜ ପ୍ରଧାନ, ରଞ୍ଜିତ ମୁଣ୍ଡା, ଫିରୋଜ ଖାନ, ପ୍ରଭାତ ସ୍ୱାଇଁ, ହରି ଶଙ୍କର ସାହୁ, ଟୁନା ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।



# ସୁରକ୍ଷା ସପ୍ତାହ ପାଳନ ଲାଗି ବିତର୍କ ପ୍ରତିଯୋଗିତା



**ରାଉରକେଲା,୧୧।୩(ସମିସ):** ରାଉରକେଲା ଇସ୍ପାତ କାରଖାନାର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଆଗାମୀ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମର ଅଂଶ ଭାବରେ ଗବେଷଣା ଏବଂ ନିୟନ୍ତ୍ରଣ ବିଭାଗ ଠାରେ ଏକ ତ୍ରିଭାଷୀ ସୁରକ୍ଷା ବିତର୍କ ପ୍ରତିଯୋଗିତା ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମରେ ସଂଗଠନର ସମସ୍ତସ୍ତରରେ କର୍ମକ୍ଷେତ୍ର ସୁରକ୍ଷା ପ୍ରତି ସଚେତନତା, ଆଲୋଚନା ଏବଂ ସହଭାଗୀ ଦାୟିତ୍ୱକୁ ପ୍ରୋତ୍ସାହିତ କରିବାରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ପଦକ୍ଷେପଗୁଡ଼ିକୁ ଆଲୋକପାତ କରାଯାଇଥିଲା । ବିତର୍କର ବିଷୟବସ୍ତୁ ଥିଲା 'କେବଳ ନିୟମ ନୁହେଁ , ସମ୍ପୃକ୍ତି , ଶିକ୍ଷା ଏବଂ ସଶକ୍ତିକରଣ - କାର୍ଯ୍ୟସ୍ଥଳ ସୁରକ୍ଷାର ପ୍ରକୃତ ଚାଳକ' । ଉଭୟ କର୍ମଚାରୀ ଏବଂ ଠିକା ଶ୍ରମିକ ଆଗ୍ରହର ସହିତ ସେମାନଙ୍କର ମତାମତ ପ୍ରକାଶ କରି ସ୍ଥାୟୀ ସୁରକ୍ଷା କାର୍ଯ୍ୟଦକ୍ଷତା କେବଳ ନିୟମାବଳୀର ପ୍ରବର୍ତ୍ତନ ପରିବର୍ତ୍ତେ ଆଚରଣଗତ ପରିବର୍ତ୍ତନ, ନିରନ୍ତର ଶିକ୍ଷା ଏବଂ ସକ୍ରିୟ ଅଂଶଗ୍ରହଣରୁ ଉତ୍ପନ୍ନ ହୁଏ ବୋଲି ଗୁରୁତ୍ୱାରୋପ କରିଥିଲେ । ଜିଏମ୍ (ପାଇପ୍ ପ୍ଲାଣ୍ଟ) ଅଭିନାଶ ଚୌଧୁରୀ, ଡିଜିଏମ୍ (ସିଇଏସ୍) ନବୀନ ଦୁବେ ଏବଂ ଏଜିଏମ୍ (ପିପିସି) ଅଶୋକ ଜେନା ଏହି କାର୍ଯ୍ୟକ୍ରମର ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ବିଭାଗର ଜିଏମ ଅବକାଶ ବେହେରାଙ୍କ ମାର୍ଗଦର୍ଶନରେ ବି କେ ପାଢୀ, ଏଜିଏମ୍ (ଏସଇଡି) କାର୍ଯ୍ୟକ୍ରମର ସଂଯୋଜନା କରିଥିଲା ବେଳେ ବିଭାଗୀୟ ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଜ୍ଞା ନାଥ ପରିଚାଳନା କରିଥିଲେ ।

# ଏପ୍ରିଲ୍ - ଫେବୃଆରୀରେ ବିକ୍ରିରେ ସେଲ୍‌ର ରେକର୍ଡ



**ରାଉରକେଲା,୧୧।୩(ସମିସ):** ଦେଶର ସର୍ବବୃହତ ଇସ୍ପାତ ଉତ୍ପାଦନକାରୀ ମହାରତ୍ନ କମ୍ପାନୀ ଷ୍ଟିଲ୍ ଅଥୋରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍), ଆର୍ଥିକ ବର୍ଷର ଏପ୍ରିଲ୍ - ଫେବୃଆରୀ (୧୧ ମାସ) ଅବଧିରେ ଏହାର ସର୍ବୋତ୍ତମ ବିକ୍ରୟ ହାସଲ କରିଛି । କମ୍ପାନୀ ୧୮.୨୪ ନିୟୁତ ଟନ୍ (ଏମ ଟି) ର ରେକର୍ଡ ମୋଟ ବିକ୍ରୟ ହାସଲ କରିଛି, ଯାହା ବିଗତ ବର୍ଷ ତୁଳନାରେ ୧୪% ଅଧିକ । ଆଲୋଚ୍ୟ ସମୟ ମଧ୍ୟରେ, ସେଲ୍ ସର୍ବାଧିକ ୧.୧୧ ଲକ୍ଷ କୋଟି ଟଙ୍କା ନଗଦ ସଂଗ୍ରହ ହାସଲ କରିଛି ଯାହା ୧୦% ବାର୍ଷିକ ଅଭିବୃଦ୍ଧିକୁ ପ୍ରତିଫଳିତ କରେ । ଏହି ଅବଧି ମଧ୍ୟରେ ଖୁଚୁରା ବିକ୍ରୟ, ଷ୍ଟକ୍ୟାର୍ଡ ବିକ୍ରୟ ଏବଂ ଡୋର୍ ଡେଲିଭରି ଭଳି ସମସ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ମଧ୍ୟ ଦେଖାଦେଇଛି, ଯାହା କମ୍ପାନୀର ଦୃଢ଼ ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟକୁ ସୂଚିତ କରୁଛି । ସୂଚନା ଯୋଗ୍ୟ ଯେ, ଫେବୃଆରୀ ୨୦୨୬ରେ, କମ୍ପାନୀ ମୋଟ ୧.୫୮ ମେଟ୍ରିକ୍ ଟନ୍ ବିକ୍ରୟ ହାସଲ କରିଥିଲା । ବିଗତ ଜାନୁଆରୀ ୨୦୨୬ ତୁଳନାରେ କମ୍ପାନୀ ଏହାର ସମଗ୍ର ଇନଭେଣ୍ଟରୀ ୧.୦୫ ଲକ୍ଷ ଟନ୍ ହ୍ରାସ କରିଛି ଏବଂ ଏଥି ସହିତ ସାମଗ୍ରୀକ ଭାବେ ୧୦୦୦ କୋଟି ଟଙ୍କା ଋଣ ବୋଝ ମଧ୍ୟ ହ୍ରାସ କରି ପାରିଛି । ସେଲ୍, ଏହାର ନିର୍ଦ୍ଦିଷ୍ଟ ବଜାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରାସଙ୍ଗିକ କ୍ଷେତ୍ରର ଚାହିଦା ପୂରଣ ପାଇଁ ଚେକର୍ଡ ପ୍ଲେଟର ଉତ୍ପାଦନ ପୁନଃ ଆରମ୍ଭ କରିଛି । ସେଲ୍‌ର ପ୍ରଦର୍ଶନ ଉପରେ ଉଲ୍ଲେଖ କରି, ସେଲ୍ ର ଅର୍ଥ ନିର୍ଦ୍ଦେଶକ ତଥା ବାଣିଜ୍ୟର ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିବା ଡ. ଏ କେ ପଣ୍ଡା କହିଛନ୍ତି, ବଜାର ଅନୁକୂଳ ପରିବେଶ ସୃଷ୍ଟି କରିବା ସହିତ ବଜାର ଆଭିମୁଖୀ ଅଭିବୃଦ୍ଧି ପାଇଁ ସେଲ ସତତ ଚେଷ୍ଟିତ ଓ ପ୍ରସ୍ତୁତ । ଇନ୍‌ଭେଣ୍ଟରୀ ଏବଂ ୱର୍କିଂ କେପିଟାଲକୁ ଅନୁକୂଳ ଓ ସମୟ ଉପଯୋଗୀ ପରିଚାଳନା କରି, ଆମେ ଆର୍ଥିକ ଶୃଙ୍ଖଳାକୁ ଉତ୍କୃଷ୍ଟ କରି କମ୍ପାନୀର ମୂଳଦୁଆକୁ ମଜଭୁତ କରିବା ପାଇଁ ଯତ୍ନଶୀଳ ।

# ଆର୍‌ଏସ୍‌ପି ଭିନ୍ନକ୍ଷମ କର୍ମଚାରୀଙ୍କ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଉତ୍କୃଷ୍ଟ ପ୍ରଦର୍ଶନ

**ରାଉରକେଲା,୧୧।୩(ସମିସ):** ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର କର୍ମଚାରୀମାନେ ଫେବୃଆରୀ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୫-୨୬ରେ




ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ସହିତ କାରଖାନା ପାଇଁ ଗୌରବ ଆଣିଛନ୍ତି । ଉଲ୍ଲେଖନୀୟ ଯେ ଆରଏସପିର ୪ ଜଣ ଭିନ୍ନକ୍ଷମ କର୍ମଚାରୀ ବିଭିନ୍ନ ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ଏହି ପରିପ୍ରେକ୍ଷୀରେ ପିଡି ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ପରେଶ କୁମାର ମାହାତୋ, ଦୁଇଟି ସ୍ୱର୍ଣ୍ଣପଦକ ଜିତି ନିଜର ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି, ଯେଉଁଥିରେ ଏଫ-୪୪ ବର୍ଗର ଡିସ୍କସ୍ ଥ୍ରୋରେ ୧୯-୭୩ ମିଟର ଥ୍ରୋ ସହିତ ଗୋଟିଏ ସ୍ୱର୍ଣ୍ଣ ପଦକ ଏବଂ ଜାଭେଲିନ୍ ଥ୍ରୋରେ ୨୭.୦୧ ମିଟର ଦୂରତା ସହିତ ଅନ୍ୟ ଏକ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି । ସିଇଏମ - ଆରଏସ୍‌ଇ ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ରୁଦ୍ର ନାରାୟଣ ସାହୁ, ଗୋଟିଏ ସ୍ୱର୍ଣ୍ଣ ପଦକ ଏବଂ ଦୁଇଟି ରୌପ୍ୟ ପଦକ ହାସଲ କରିଛନ୍ତି । ଡିସ୍କସ୍ ଥ୍ରୋରେ ୩୦.୬୯ ମିଟର ଦୂରତା ସହିତ ସ୍ୱର୍ଣ୍ଣପଦକ ଅର୍ଜନ କରିଥିଲେ । ସେ ଜାଭେଲିନ୍ ଥ୍ରୋରେ ୨୭.୬୮ ମିଟର ଦୂରତା ସହିତ ଗୋଟିଏ ରୌପ୍ୟ ପଦକ ଏବଂ ସଟ୍ ପୁଟରେ ୮.୬୭ ମିଟର ଦୂରତା ସହିତ ଦ୍ୱିତୀୟ ରୌପ୍ୟ ପଦକ ପାଇଥିଲେ । ଏହି ଉଲ୍ଲେଖନୀୟ ପ୍ରଦର୍ଶନ ସହିତ, ସେ ୧୭ ରୁ ୨୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ସେହିଭଳି ଏର୍‌ଆର ୱାର୍କ୍ସ ବିଭାଗର ଅଫିସ ଆସିଷ୍ଟାଣ୍ଟ ଯୋଗେନ୍ଦ୍ର କୁମାର ଦାଶ, ୫.୯୧ ମିଟର ଦୂରତା ସହିତ ସଟ୍ ପୁଟରେ ମଧ୍ୟ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସମୁଦାୟ ପଦକ ତାଲିକାରେ ଯୋଡ଼ିହୋଇ, ଇଆରଡବ୍ଲ୍ୟୁ ପାଇପ୍ ପ୍ଲାଣ୍ଟର ବିଭାଗର ବିଦ୍ୟାଧର ବେହେରା ୭.୦୮ ମିଟର ଦୂରତା ସହିତ ସଟ୍ ପୁଟରେ ଏକ କାଂସ୍ୟ ପଦକ ଜିତିଥିଲେ । ଗତ ୫ ତାରିଖରେ କ୍ରୀଡ଼ା ବିଭାଗରେ ଅନୁଷ୍ଠିତ ଅନ୍ୟ ଏକ କାର୍ଯ୍ୟକ୍ରମରେ, ଟିଇ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି.କେ ଜୋଜୋ, ପଦକ ବିଜେତାମାନଙ୍କୁ ସମ୍ମାନିତ କରିଥିଲେ । ସେମାନଙ୍କ ସମର୍ପଣ ଏବଂ କ୍ରୀଡ଼ା ମନୋଭାବ ମାଧ୍ୟମରେ ସଂଗଠନ ପାଇଁ ଗର୍ବ ଆଣିବା ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଆରଏସ୍‌ପି ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢ଼ୀ ସମ୍ବର୍ଦ୍ଧନା ସମାରୋହର ସଂଯୋଜନା କରିଥିଲେ ।

# ରାସ୍ତା ଉପରେ ଚିପ୍ସ ବ୍ୟବସାୟ ଯୋଗୁଁ ଉପୁଜୁଛି ଟ୍ରାଫିକ ସମସ୍ୟା

**ଲହୁଣିପଡ଼ା,୧୧।୩(ସମିସ):** ରାସ୍ତା ଉପରେ ଚିପ୍‌ସ ଗଦା କରି ବ୍ୟବସାୟୀ ମାଲେମାଲ ହେଉଥିବା ବେଳେ ଅଞ୍ଚଳ ଲୋକ ଚିପ୍‌ସ ଗଦା ପାଇଁ ଉପୁଜି ଥିବା ଟ୍ରାଫିକ ସମସ୍ୟାରେ ଘାଣ୍ଟି ହେଉଛନ୍ତି । ବେଳେବେଳେ ଲେକେ ଦୁର୍ଘଟଣାର ମଧ୍ୟ ଶିକାର ହେଉଛନ୍ତି । ଏହାପରେ ମଧ୍ୟ ପ୍ରଶାସନ ପଦକ୍ଷେପ ନେବା ବଦଳରେ ଅଣଦେଖା କରୁଥିବା ସାଧାରଣରେ ଆଲୋଚନା ହେଉଛି । ରାଜାମୁଣ୍ଡା ଛକରୁ ଲହଙ୍ଗାପଡ଼ା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ଲମ୍ବି ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥ ୧୦(କ) କୁ ସଂଯୋଗ କରୁଥିବାରୁ ରାଜାମୁଣ୍ଡା ଲହୁଣିପଡା ମଧ୍ୟରେ ୨୪ ଘଣ୍ଟା ଗାଡି ଚଳାଚଳ ଲାଗି ରହିଥାଏ । ଏହା ପରେ ଲହୁଣିପଡା ବଜାରରେ ସପ୍ତାହକୁ ୨ ଦିନ ରବିବାର ଏବଂ ବୁଧବାର ସାପ୍ତାହିକ ହାଟ ବସିଥାଏ । ଯାହା ଫଳରେ ଲହୁଣିପଡା ବଜାରକୁ ଲୋକଙ୍କ ଯିବା ଆସିବା ଲାଗିରହିଥାଏ । ଫଳରେ ବଜାର ସବୁ ସମୟରେ ଭିଡ଼ ରହିଥାଏ । ଲହଙ୍ଗାପଡାରୁ ଲହୁଣିପଡା ପୋଲ ପର୍ଯ୍ୟନ୍ତ ସରକାରୀ ଜାଗା ଅଭାବ ଥିବାରୁ ଏ ପର୍ଯ୍ୟନ୍ତ ଓସାରିଆ ରାସ୍ତା ନିର୍ମାଣ ହୋଇ ପାରିନାହିଁ, ଯାହା ଫଳରେ ଲେକେ ସେହି ଅଣ ଓସାରିଆ ରାସ୍ତାକୁ ଭରଷା କରି କାର୍ଯ୍ୟ କରି ଚାଲିଛନ୍ତି । ହେଲେ ଲହୁଣିପଡା ବଜାରର କିଛି ବ୍ୟବସାୟୀ ରାସ୍ତା ଉପରେ ନିଜ ଜିନିଷ ରଖୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି । ହନୁମାନ ମନ୍ଦିର ନିକଟରେ ହାଇୱାରେ ବାହାରୁ ଚିପ୍‌ସ ଆଣି ରାସ୍ତା ଉପରେ ଗଦାକରି ରଖି ଟ୍ରାକ୍ଟର ସାହାଯ୍ୟ ଅନ୍ୟତ୍ର ବିକ୍ରି କରି ମାଲେମାଲ ହେଉଛନ୍ତି ।

ସେହିଭଳି ଡାକ୍ତରଖାନା ଭଳି ସମ୍ବେଦନଶୀଳ ଜାଗାକୁ ସଂଯୋଗ କରୁଥିବା ରାସ୍ତା ଗୁଡିକରେ ମଧ୍ୟ କିଛି ସିମେଣ୍ଟ ବ୍ୟବସାୟୀ ରାସ୍ତାକୁ ଜାମ କରି ବ୍ୟବସାୟ ଚଳାଇଛନ୍ତି । ସେହିଭଳି ଆଳୁ ଗୋଦାମ ବ୍ୟବସାୟୀ ମାନେ ମଧ୍ୟ ରାସ୍ତା ଜାମ କରି ବ୍ୟବସାୟୀ ଚଳାଉଛନ୍ତି । ଏଭିଳି ସ୍ଥିତି ପାଇଁ ବେଳେ ବେଳେ ଟ୍ରାଫିସ ସମସ୍ୟା ଜଟିଳ ମଧ୍ୟ ହୋଇଥାଏ । ଏ ସମ୍ପର୍କରେ ପ୍ରଶାସନ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ




**ରାଉରକେଲା,୧୧।୩(ସମିସ):** ରାଉରକେଲାସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଓଡ଼ିଆ ଅସ୍ମିତା ଓ ଶାସ୍ତ୍ରୀୟ ଓଡ଼ିଆ ଭାଷା ଶୀର୍ଷକ ଆଲୋଚନା ମାଧ୍ୟମରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ହୋଇଛି । ଏଥିରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ମାୟାଧର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସେଠୀ ଯୋଗଦେଇ ମା' ଭଳି ମାତୃଭାଷାକୁ ଭଲ ପାଇବା ପାଇଁ ଆହ୍ୱାନ ଦେବା ସହ ଆମ ମାତୃଭାଷା ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତା ପାଇବା ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ । ଅଧ୍ୟାପକ ଶୁଭନାଥ ସା ଯୋଗଦେଇ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରି ଓଡ଼ିଆ ଅସ୍ମିତା ଓଡ଼ିଆଙ୍କ ପରିଚୟ ବୋଲି କହିଥିଲେ । ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସୁଷମା ମୋଦି ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନର ଆବଶ୍ୟକତା ଏବଂ ଗୁରୁତ୍ୱ ସମ୍ପର୍କରେ କହିବା ସହିତ ଶୀର୍ଷକ ଆଲୋନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅଧ୍ୟାପିକା ରଜନୀ କିସାନଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଅଧ୍ୟାପିକା ସୁଚିସ୍ମିତା ମଡୁଆଳ, ପ୍ରିୟଙ୍କା କଂସାରୀ ପ୍ରମୁଖଙ୍କ ସମେତ ବିଭାଗୀୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ବୈଠକ

# ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ ନିର୍ଦ୍ଦେଶ

ରାଉରକେଲା,୧୧।୩(ସମିସ)




ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଆଜି ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିକାଶ ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଶ୍ରୀମହାପାତ୍ର ଅଂଶୁଘାତର ମୁକାବିଲା ସହିତ ଜଳ ସମସ୍ୟାର ସମାଧାନ ଦିଗରେ ବିଶେଷ ଧ୍ୟାନ ଦିଆଯିବାକୁ ଗୁରୁତ୍ୱାରୋପ କରିଥିଲେ । ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଅପାତକାଳୀନ ପରିସ୍ଥିତି ଉପୁଜିଲେ ତୁରନ୍ତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ଅଧିକାରୀଙ୍କୁ କହିଛନ୍ତି । ରାଉରକେଲା ମହାନଗର ନିଗମ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ୱାଟକୋ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପାଳିକାର ନିର୍ବାହୀ ଅଧିକାରୀମାନଙ୍କୁ ନିଜ ନିଜ ଅଞ୍ଚଳରେ ଜଳ ସମସ୍ୟା ଦୂରୀକରଣ ନିମନ୍ତେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ, ଜଳ ଛତ୍ର କରିବାକୁ ଜିଲ୍ଲାପାଳ ଡ. ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ଅଚଳ କିମ୍ବା ଖରାପ ହୋଇଯାଇଥିବା ନଳକୂପ ଗୁଡିକ ଶୀଘ୍ର ମରାମତି କରାଯିବାକୁ ଏବଂ ଜଳ ସମସ୍ୟା ଥିବା ଅଞ୍ଚଳ ଗୁଡିକ ବିଶେଷ ଧ୍ୟାନ ଦେବା, ପ୍ରମୁଖ ସ୍ଥାନମାନଙ୍କରେ ଜଳଛତ୍ରମାନ ଖୋଲା ଯିବା ସହିତ ଜଙ୍ଗଲ ନିଆଁ ପ୍ରତି ବିଶେଷ ଧ୍ୟାନ ଦେବା ତଥା ପ୍ରାଣୀ ଓ ପକ୍ଷୀଙ୍କ ନିମନ୍ତେ ଜଳ ବ୍ୟବସ୍ଥା, ତାଙ୍କ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା, ଗ୍ରୀଷ୍ମ ସମୟରେ ଗୃହ ପାଳିତ ପ୍ରାଣୀ ମାନଙ୍କର କିଭଳି ଯତ୍ନ ନିଆଯିବ ତାହା ନେଇ ସଚେତନତା ସୃଷ୍ଟି କରିବା ଆଦି ନେଇ ବୈଠକରେ ଆଲୋଚନା କରାଯାଇଛି । ସେହିପରି ଅଂଶୁଘାତର ମୁକାବିଲା ନିମନ୍ତେ ସମସ୍ତ ଡାକ୍ତରଖାନା ମାନଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା, କଣ୍ଟ୍ରୋଲ ରୁମ୍ ମଧ୍ୟ କାର୍ଯ୍ୟକାରୀ ହେଉଥିବା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅବଗତ କରାଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରମାନେ ଗସ୍ତକରି ନିଜ ନିଜ ଅଞ୍ଚଳ ସବୁ ବ୍ୟବସ୍ଥା ଆଦିକୁ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସକାଳୁଆ ସ୍କୁଲ ଓ ସକାଳୁଆ ଅଙ୍ଗନବାଡ଼ି ବିଷୟରେ ଆଲୋଚନା କରାଯାଇଥିଲା ।

ସେହିପରି ଅତ୍ୟାବଶ୍ୟକ ନହେଲେ ବାହାରକୁ ନ ବାହାରିବା ନିମନ୍ତେ ଜନସଚେତନତା କରାଯିବାକୁ ଆଲୋଚନା କରାଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପଜିଲ୍ଲାପାଳ ତେଜସ୍ୱିନି ବେହେରା, ରାଜ କୁମାର ସେଠୀ, ଡେପୁଟି କଲେକ୍ଟର (ଅପାତକାଳୀନ) ଅଶ୍ୱନୀ ପଣ୍ଡା, ଡିପିଏଚ୍‌ଓ ଡା. ଶ୍ରୀନିବାସ ମହାରଣା ସହିତ ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ପୌର ପାଳିକାର ନିର୍ବାହୀ ଅଧିକାରୀମାନେ ଯୋଗ ଦେଇଥିଲେ ।

### ବିଲାସପୁରରେ ଡିଆରୟୁସିସି ବୈଠକ

# ବ୍ରଜରାଜନଗର ଓ ବେଲପାହାଡ଼ ଷ୍ଟେସନ ଉପରେ ଆଲୋଚନା

**ଝାରସୁଗୁଡ଼ା, ୧୧ ।୩(ସମିସ)**

ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ମୁଖ୍ୟାଳୟ ବିଲାସପୁର ଠାରେ ବୁଧବାର ଡିଆରୟୁସିସି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଡିଆରୟୁସିସି ବୈଠକରେ ବ୍ରଜରାଜନଗର ଓ ବେଲପାହାଡ଼ ରେଲୱେ ଷ୍ଟେସନର ଉନ୍ନୟନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ପ୍ରତିନିଧି ଏବଂ ଡିଆରୟୁସିସି ସଦସ୍ୟ କହ୍ନେଇଆଁ ଝା ଯୋଗଦେଇ ବ୍ରଜରାଜନଗର ଓ ବେଲପାହାଡ଼ ଷ୍ଟେସନରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟରେ ହେଉଥିବା ଅନିୟମିତତା ଓ ବିଭିନ୍ନ ସମସ୍ୟା ବିଷୟରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ । ବ୍ରଜରାଜନଗର ଓ ବେଲପାହାଡ଼ ଷ୍ଟେସନ ଦକ୍ଷିଣ ପୂର୍ବ ମଧ୍ୟ ରେଲୱେର ଏକ ମୁଖ୍ୟ ପ୍ରବେଶ ଦ୍ୱାର ହୋଇଥିବା ସତ୍ତ୍ୱେ ଏଠାରେ ଅନେକ ଆବଶ୍ୟକ ଉନ୍ନୟନମୂଳକ କାର୍ଯ୍ୟ ଏପର୍ଯ୍ୟନ୍ତ ସଠିକ ଭାବେ କାର୍ଯ୍ୟକରୀ ହୋଇନାହିଁ । ସାଧାରଣତଃ ଲୋକମାନେ ନିଜ ଘରର ପ୍ରବେଶ ଦ୍ୱାରକୁ ସୁନ୍ଦର କରିଥାନ୍ତି, କିନ୍ତୁ ଦୁଃଖଦ ଯେ ରେଲୱେ ପକ୍ଷରୁ ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନକୁ ଅନେକ ସୁବିଧାରୁ ଏପର୍ଯ୍ୟନ୍ତ ବଞ୍ଚିତ ରଖାଯାଇଛି ବୋଲି ସେ ଅଭିଯୋଗ କରିଥିଲେ । ଏହାପରେ ବିଲାସପୁର ଡିଆରଏମ୍ ସହିତ ଅନ୍ୟାନ୍ୟ ରେଲୱେ ଅଧିକାରୀମାନେ ବ୍ରଜରାଜନଗର ଓ ବେଲପାହାଡ଼ ଷ୍ଟେସନ ପରିଦର୍ଶନ କରି ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହିତ



ସମସ୍ତ ଅସୁବିଧାର ସମାଧାନ ପାଇଁ ତୁରନ୍ତ ଓ ଉଚିତ ପଦକ୍ଷେପ ନେବେ ବୋଲି ଆଶ୍ୱାସନ ଦେଇଥିଲେ । ଏହା ସହିତ ଆସନ୍ତା ୨୦ ତାରିଖରେ ଜିଏମ୍ କାର୍ଯ୍ୟାଳୟର ସଚିବ ମଧ୍ୟ ବ୍ରଜରାଜନଗର ଓ ବେଲପାହାଡ଼ ଷ୍ଟେସନ ପରିଦର୍ଶନ କରିବେ ବୋଲି ସୂଚନା ମିଳିଛି ।

# ପ୍ରତାରକ ଯୁବକ ଗିରଫ

**ଦେବଗଡ଼, ୧୧ ।୩(ସମିସ):** ପ୍ରେମ ପରେ ବିବାହର ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖିବାପରେ ପ୍ରତାରଣା କରିବା ଅଭିଯୋଗରେ ଦେବଗଡ଼ ଥାନା ପୁଲିସ ଆଜି ଦେବଗଡ଼ ପୌରାଞ୍ଚଳର ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ, ଦେବଗଡ଼ ପୌରାଞ୍ଚଳର ଜଣେ ଯୁବତୀଙ୍କ ସହ ପୌରାଞ୍ଚଳ ତଳଭୁଲିଆସାହିର ରୋଶନ ନାଏକ ୫ ବର୍ଷ ଧରି ପ୍ରେମ ସମ୍ପର୍କ ରଖିବା ମଧ୍ୟରେ ବିବାହ ପ୍ରତିଶ୍ରିତି ଦେଇ ଶାରୀରିକ ସମ୍ପର୍କ ରଖି ଆସିଥିଲା । ଯୁବତୀ



ଜଣକ ପ୍ରେମିକ ରୋଶନକୁ ବିବାହ ପାଇଁ କହିବାରୁ ରୋଶନ ବିବାହ ପାଇଁ ମନା କରିବା ସହ ଗାଳି ଗୁଲଜ ଓ ମାରପିଟ୍ କରିବାସହ ହତ୍ୟା ଧମକ ଦେଇଥିଲା । ଫଳରେ ପୀଡ଼ିତା ଯୁବତୀ ପ୍ରତାରଣାର ଶିକାର ହୋଇଥିବା ଜାଣିବାପରେ ନ୍ୟାୟ ପାଇଁ ଦେବଗଡ଼ ଥାନାର ଦ୍ୱାରସ୍ଥ ହୋଇଥିଲେ । ପୀଡିତାଙ୍କ ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରି ଅଭିଯୁକ୍ତ ପ୍ରତାରକ ପ୍ରେମିକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି ।

# ଗୁପ୍‌ଚୁପ୍ ବେପାରୀକୁ ହତ୍ୟା ଧମକ; ୨ଗିରଫ

**ଝାରସୁଗୁଡ଼ା, ୧୧ ।୩ (ସମିସ):** ଝାରସୁଗୁଡ଼ା ବେହେରାମାଲ ଅଞ୍ଚଳରେ ସୋମବାର ରାତିରେ କିଛି ଯୁବକ ଗୁପଚୁପ୍ ଦୋକାନୀକୁ ହତ୍ୟା ଧମକ ଦେବା ସହ ଆକ୍ରମଣ ଅଭିଯୋଗରେ ଟାଉନଥାନା ପୁଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନେ ଫେରାର ଅଛନ୍ତି । ଅଭିଯୋଗକାରୀ ଦୀପକ କୁମାର ଚୌହାନ (୨୨)ଙ୍କ ଲିଖିତ ରିପୋର୍ଟ ଅନୁଯାୟୀ ସୋମବାର ରାତି ୧୧ ଟା ସମୟରେ ବେହେରାମାଲ ଚାନ୍ଦି ଭଣ୍ଡାରସ୍ଥିତ ଫୁଲ ଦୋକାନ ପାଖରେ ଦୁଇଜଣ ବ୍ୟକ୍ତି ପରିସ୍ରା କରୁଥିଲେ । ପାଖରେ ଗୁପଚୁପ୍ ବିକ୍ରି କରୁଥିବା ରକି ସାହଙ୍କ ଭାଇ ମିନସୁ କୁମାର ଅଭିଯୁକ୍ତଙ୍କୁ ଦୋକାନ ପାଖରେ ପରିସ୍ରା କରିବାରୁ ବାଧା ଦେଇଥିଲେ । ଏହାପରେ ଅଭିଯୁକ୍ତ ୨ ଜଣ ସେମାନଙ୍କ ସାଙ୍ଗ ମାନଙ୍କୁକୁ ଡାକି ହିଂସା କରିଥିଲେ । ସେମାନେ ରକି ସାହୁଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ବେକକୁ ଚାପି ଦେଇଥିଲେ । ଅଭିଯୋଗକାରୀ ଦୀପକ ଏବଂ ତାଙ୍କ ଭାଇ ମିନସୁ ମିଶି ରକି ଶାହଙ୍କୁ ସେମାନଙ୍କ କବଳରୁ ରକ୍ଷା କରିଥିଲେ । ଅଭିଯୁକ୍ତମାନେ ଦୀପକ, ରକି ଏବଂ ମିନସୁଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଆକ୍ରମଣ ଯୋଗୁଁ ରକି ସାହୁଙ୍କ ଛାତି ଏବଂ ପେଟରେ ଆଘାତ ଲାଗିଥିଲା । ବର୍ତ୍ତମାନ ସେ ଚିକିତ୍ସା ପାଇଁ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଏନେଇ ଟାଉନ ଥାନାରେ ମାମଲା ହେବାପରେ ପୁଲିସ ସୌରଭ ଉପାଧ୍ୟାୟ ଏବଂ ମହେଶ ନାୟକ ନାମକ ଦୁଇ ଯୁବକଙ୍କୁ ବୁଧୁବାର ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି । ଏନେଇ ଝାରସୁଗୁଡା ଥାନାରେ ଏକ ମାମଲା ରୁଜୁ କରି ଝାରସୁଗୁଡା ପୁଲିସ ତଦନ୍ତ ଚଳାଇଛି ।

# ଓପିଜିସି ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର



**ଇବଥର୍ମାଲ, ୧୧ ।୩(ସମିସ):** ଓପିଜିସି ବନହରପାଲିସ୍ଥିତ ଇବ୍ୟ ତାପଜ ବିଦ୍ୟୁତ କେନ୍ଦ୍ର ପକ୍ଷରୁ ଲଖନପୁର ବ୍ଲକ ଜୋନ୍-୩ ଅଧୀନ ତେଲେନପାଲି ପଞ୍ଚାୟତ ତେଲେନପାଲିରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ କେୟାର ନେତ୍ରମ୍ ଏଲପିଜି ସହାୟତାରେ କରାଯାଇଥିଲା । ବୁଧବାର ସକାଳେ ଓପିଜିସି ନିର୍ଦ୍ଦେଶକ ଅପରେସନ ଅଞ୍ଜନା ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ତଥା ବିଶେଷ ଅତିଥି ଭାବେ ବରିଷ୍ଠ ଭିପି ଅପରେସନ ସୁକାନ୍ତ ମହାପାତ୍ର, ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡ.ସଙ୍ଗୀତା ପଣ୍ଡା, ସିଏସ୍ଆର୍ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ଧଳ, ସରପଞ୍ଚ ତେଲେନପାଲି ଆକାଶ ସାହୁ, ସିଏସ୍ଆର୍ ସିନିୟର ମ୍ୟାନେଜର ହୀମାଂଶୁ ଭୁଷଣ ବେହେରା, ସିଏସ୍ଆର୍ ଅଧିକାରୀ ତାପସ କୁମାର ପଣ୍ଡା, ଅମର କୁମାର ସିଂହ ପ୍ରମୁଖ ଯୋଗ ଦେଇଥିଲେ । କେୟାର ନେତ୍ରଂ ସଂସ୍ଥା ରୋଗୀ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ପରୀକ୍ଷା କରିଥିଲେ । ଏଥିରେ ତେଲେନପାଲି ପଞ୍ଚାୟତର ସମସ୍ତ ଗ୍ରାମ ସମେତ ଆଖପାଖ ପଞ୍ଚାୟତରୁ ମୋଟ ୩୯୪ ରୋଗୀଙ୍କ ଆଖି ପରୀକ୍ଷା କରାଯାଇଥିଲା । ତନ୍ମଧ୍ୟରୁ ୨୨ ଜଣଙ୍କ ମାଗଣା ଚିକିତ୍ସା କରାଯିବାକୁ ପଦକ୍ଷେପ ନିଆଯିବା ସହ ବାକି ୩୦୧ ଜଣଙ୍କୁ ମାଗଣା ଔଷଧ ଓ ମାଗଣା ଚଷମା ଦେବାକୁ ଘୋଷଣା କରାଯାଇଛି । ଆଗକୁ ଓପିଜିସି ପକ୍ଷରୁ ମାର୍ଚ୍ଚ ମାସରେ ଦଳଗାଁ, ତିଲିଆ ଓ ରେମେଣ୍ଡା ଠାରେ ଚକ୍ଷୁ ପରୀକ୍ଷା ଶିବିର କରାଯିବାକୁ ପ୍ରସ୍ତାବ ଥିବା ଓପିଜିସି ପକ୍ଷରୁ ପ୍ରକାଶ କରାଯାଇଛି ।

# ମାଡ଼ମାରି ସ୍ତ୍ରୀର ହାତ ଭାଙ୍ଗିଲା ମଦ୍ୟପ ସ୍ୱାମୀ

**ଦେବଗଡ଼, ୧୧।୩(ସମିସ):** ମଦ୍ୟପ ସ୍ୱାମୀର ଉନ୍ମତ୍ତ କାଣ୍ଡ । ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ କଳହ ହେବାରୁ ସ୍ତ୍ରୀକୁ ମାଡ଼ମାରି ହାତ ଭାଙ୍ଗି ଦେଇଛି । ଏନେଇ ଥାନାରେ



ଅଭିଯୋଗ ହେବାପରେ ପୁଲିସ ଉକ୍ତ ଯୁବକଙ୍କୁ ଗିରଫ କରିଛି । ମିଳିଥିବା ସୂଚନା ଅନୁଯାୟୀ ରିଆମାଳ ଥାନା ଅଞ୍ଚଳର ତାରଙ୍ଗ ଗ୍ରାମର ହେମନ୍ତ ବସନ୍ତରା ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀକୁ ଗାଳିଗୁଲଜ କରିବାସହ ହତ୍ୟା ଧମକ ଦେଇଥାଏ । ଗତ ୫ ତାରିଖ ମଧ୍ୟାହ୍ନରେ ତାଙ୍କ ସ୍ତ୍ରୀ ଠାକୁର ପୂଜା ସାରି ଘରେ ଥିବାବେଳେ ତାଙ୍କ ସ୍ୱାମୀ ନିଶାଶକ୍ତ ଅବସ୍ଥାରେ ଗାଳିଗୁଲଜ କରିବା ସହ ତାଙ୍କ ସ୍ତ୍ରୀକୁ ମାଡ଼ ମାରିଥିଲା । ଏଥିରେ ତାଙ୍କର ହାତ ଭାଙ୍ଗି ଯାଇଥିଲା । ଆହତ ମହିଳା ଜଣକ ଡାକ୍ତରଖାନାରେ ଚିକିତ୍ସିତ ହେବାପରେ ରିଆମାଳ ଥାନାରେ ଅଭିଯୋଗ କରିଥିଲେ । ପୁଲିଲ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇ ଆଜି ତାକୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

# ଗଛକୁ ଧକ୍କାଦେଇ ୨ ବାଇକ୍ ଆରୋହୀ ମୃତ

**ଝାରସୁଗୁଡ଼ା, ୧୧ ।୩(ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଶନି ମନ୍ଦିରରୁ ବ୍ରଜରାଜନଗର ରାସ୍ତାରେ ବୁଧବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ପ୍ରାଣ ହରାଇଛନ୍ତି । ମୃତକ ହେଲେ ଲଖନପୁର ଥାନା ପତ୍ରାପାଳିର ବନମାଳୀ ମୁଣ୍ଡାଙ୍କ ପୁଅ ପ୍ରତାପ ମୁଣ୍ଡା (୧୯) ଓ ସ୍ୱର୍ଗତ ସନ୍ତୋଷ ମୁଣ୍ଡାଙ୍କ ପୁଅ ଜିତେନ ମୁଣ୍ଡା(୨୦) । ସୂଚନା ଅନୁସାରେ, ଦୁଇ ଯୁବକ ଏକ ବାଇକ୍‌ରେ ଯାଉଥିବାବେଳେ ଭାରସାମ୍ୟ ହରାଇ ବାଇକ୍‌ଟି ରାସ୍ତା କଡ଼ରେ ଥିବା ଏକଗଛକୁ ଧକ୍କା ଦେଇଥିଲା । ଫଳରେ ଯୁବକ ଦ୍ୱୟ ଗୁରୁତର ଆହତ ହୋଇଥିବା ବେଳେ ଉଭୟଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଦୁର୍ଘଟଣାପରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟକୁ ପଠାଇଥିଲେ ଏବଂ ଦୁର୍ଘଟଣା ସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ । ଲଖନପୁର ଥାନା ପତ୍ରାପାଳିର ବନମାଳୀ ମୁଣ୍ଡାଙ୍କ ପୁଅ ପ୍ରତାପ ମୁଣ୍ଡା (୧୯) ଓ ସ୍ୱର୍ଗତ ସନ୍ତୋଷ ମୁଣ୍ଡାଙ୍କ ପୁଅ ଜିତେନ ମୁଣ୍ଡା(୨୦)ଙ୍କ ମୃତ୍ୟୁ ଘଟିଥିବାନେଇ ପୁଲିସ ସୂଚନା ଦେଇଛି ।

# ୧୪ରେ ଜାତୀୟ ଲୋକ ଅଦାଲତ

**ଝାରସୁଗୁଡ଼ା, ୧୧ ।୩(ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ୧୪ ତାରିଖ ଦିନ ଚଳିତ ବର୍ଷର ପ୍ରଥମ 'ଜାତୀୟ ଲୋକ ଅଦାଲତ' ଅନୁଷ୍ଠିତ ହେବାକୁ ଯାଉଛି । ସାରା ଦେଶ ସମେତ ଝାରସୁଗୁଡ଼ା ଜିଲ୍ଲା ସିଭିଲ୍ କୋର୍ଟ ପରିସରରେ ପୂର୍ବାହ୍ନରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନଙ୍କ ସୂଚନା ଅନୁସାରେ, ଏହି ଲୋକ ଅଦାଲତରେ କୋର୍ଟରେ ପଡ଼ି ରହିଥିବା ବିଭିନ୍ନ ବିଚାରାଧୀନ ମାମଲା ଏବଂ ପ୍ରି-ଲିଟିଗେସନ୍ (କୋର୍ଟକୁ ଆସିବା ପୂର୍ବରୁ ଥିବା ବିବାଦ) ମାମଲାଗୁଡ଼ିକର ଆପୋଷ ସମାଧାନ କରାଯିବ । ବିଶେଷ କରି ବ୍ୟାଙ୍କ ଋଣ, ପାରିବାରିକ ବିବାଦ, ବିଦ୍ୟୁତ ଓ ପାଣି ବିଲ୍ ସମ୍ବନ୍ଧୀୟ ସମସ୍ୟା ଏବଂ ସାମାନ୍ୟ ଅପରାଧିକ ମାମଲାଗୁଡ଼ିକର ଶୀଘ୍ର ଫୈସଲା ପାଇଁ ସୁଯୋଗ ରହିଛି । ସାଧାରଣ ଜନତା ଏହାର ସୁଯୋଗ ନେଇ ନିଜର ବହୁ ଦିନର ବିବାଦକୁ ବିନା ଖର୍ଚ୍ଚରେ ସମାଧାନ କରିବାକୁ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି ।

# ଲଖନପୁର ମଣ୍ଡଳ ବିଜେପିର ବୈଠକ

**ଝାରସୁଗୁଡ଼ା, ୧୧ ।୩(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଜୋନ-୨ ମଣ୍ଡଳ ବିଜେପିର ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ପାଇଁ ଜୋନସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଲଖନପୁର ମଣ୍ଡଳ ପ୍ରଭାରୀ ତପନକାନ୍ତ ଜେନାଙ୍କ ଉପସ୍ଥିତିରେ ଲଖନପୁର ମଣ୍ଡଳ ବିଜେପି ଉପସଭାପତି ଜଗଦିଶ ପ୍ରଧାନଙ୍କ ସଭାପତିତ୍ୱରେ ବେଲପାହାଡ ପିପିଲିମାଲ ସ୍ଥିତ କଦେଲପିଟା ମା' ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପରେ ଏହି ବୈଠକ ଅନୁଷ୍ଠିତ ହୋଇଛି । ଏପ୍ରିଲ ୪ ଏବଂ ୫ ତାରିଖ ଲଖନପୁର ମଣ୍ଡଳସ୍ତରୀୟ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ୨୦୨୬ କୋଇଲିଘୁଘରେ ଅନୁଷ୍ଠିତ ହେବାକୁ ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥିରେ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିବେ । ଆଜିର ବୈଠକରେ ତପନକାନ୍ତ ଜେନା, ଜଗଦୀଶ ପ୍ରଧାନ, କ୍ଷିତିଭୂଷଣ ପ୍ରଧାନ, ଶତ୍ରୁଘନ ସେନାପତି, ତୋଫାନ ପ୍ରଧାନ, ଉତ୍ତମ ନେଗୀ, ନିରାକାର ବଡ଼େଇ, ପବିତ୍ର ବିଶ୍ୱାଳ, କୃଷ୍ଣଚନ୍ଦ୍ର ବେହେରା, ଗୁଣାନନ୍ଦ ଭୋଇ, ସଞ୍ଜିତ ହାତୀ, ପାଣ୍ଡ ମହାନନ୍ଦ, ସଞ୍ଜୀବ ସାହୁ, ମୁକେଶ ଗିରି, ସରୋଜ କୁମାର ଦାସ, ପବିତ୍ର ବିଶ୍ୱାଳ ପ୍ରମୁଖଙ୍କ ସହ ବିଜେପି କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ'

**ଝାରସୁଗୁଡ଼ା, ୧୧ ।୩(ସମିସ):** ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ରେଣୁକା ପୂଜାରୀଙ୍କ ସଭାପତିତ୍ୱରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ' ବୁଧବାର




ପାଳିତ ହୋଇଯାଇଛି । ଅଧ୍ୟକ୍ଷା ଓଡ଼ିଆ ଭାଷାର ମହତ୍ତ୍ୱବିଷୟରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ କଲ୍ୟାଣି ମିଶ୍ର ସଭା ପରିଚାଳନା କରିଥିଲେ । ଗୋକୁଳାନନ୍ଦ ସାହୁ ଶାସ୍ତ୍ରୀୟ ଭାଷାର ବିଭିନ୍ନ ମାନଦଣ୍ଡ ଉପରେ ଆଲୋକପାତ କରିଥିଲେ । ମମତା ପ୍ରଧାନ ଶାସ୍ତ୍ରୀୟ ଭାଷାର ସଜ୍ଞାଂ ଓ ତାର ବିଭିନ୍ନସ୍ତର ବିଷୟରେ ବିଚାର କରିଥିଲେ । ଅଧ୍ୟାପକ ନୈରୁତ ରଥ ଓଡ଼ିଆ ଭାଷା ଆନ୍ଦୋଳନରେ ସମ୍ବଲପୁର ଲେଖକଙ୍କ ଅବଦାନକୁ ଆଲୋକପାତ କରିଥିଲେ । ଅଧ୍ୟାପିକା ରେଣୁକା ପଟେଲ ଭାଷାର ସୃଷ୍ଟି ଓ ପ୍ରାଚୀନ ଠାରୁ ଆଧୁନିକ ଓଡ଼ିଆ ଭାଷାର ବିକାଶକୁ ନେଇ ବକ୍ତବ୍ୟ ଦେଇଥିଲେ । ଏହି ସଭାରେ ଓଡ଼ିଆ ବିଭାଗର ଛାତ୍ରୀ ଆକାଂକ୍ଷା ବାରିକ ଓ ବର୍ଣ୍ଣାଳୀ ବିଭୂଷିତା ମଧ୍ୟ ନିଜର ବକ୍ତବ୍ୟ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟାପିକା ନିକି ମିଶ୍ର, ସଂଯୁକ୍ତା କର, ରେଶ୍ମା ଏକ୍କା, ସଂଘମିତ୍ରା ପୃଷ୍ଟି, ପିଇଟି ସରୋଜ ନାଏକ, କାଳୁଚରଣ ମହାନ୍ତି ଯୋଗଦେଇ ଥିଲେ । ଏହି ଅବସରରେ ଓଡ଼ିଆ ବିଭାଗର ସମସ୍ତ ଛାତ୍ରୀ ସଭାରେ ଯୋଗ ଦେଇଥିଲେ ।

# ଅଗ୍ନିବୀର ଓ ନିୟମିତ କ୍ୟାଡ଼ର ନିଯୁକ୍ତି ପାଇଁ ଆବେଦନ ପ୍ରକ୍ରିୟା ଜାରି

**ଝାରସୁଗୁଡ଼ା, ୧୧ ।୩(ସମିସ):** ଭାରତୀୟ ସେନାରେ 'ଅଗ୍ନିବୀର ଯୋଜନା' ଏବଂ ନିୟମିତ କ୍ୟାଡରରେ ନିଯୁକ୍ତି ପାଇଁ ୨୦୨୬-୨୭ ନିଯୁକ୍ତି ବର୍ଷ ନିମନ୍ତେ ଅନଲାଇନ୍ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଗ୍ରହୀ ଓ ଯୋଗ୍ୟ ପ୍ରାର୍ଥୀମାନେ ଏପ୍ରିଲ୍ ୧ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ମାଧ୍ୟମରେ ନିଜର ଆବେଦନ କରିପାରିବେ । ସେନାପକ୍ଷରୁ ଜାରି ସୂଚନା ଅନୁଯାୟୀ, ଆଶାୟୀମାନେ ଭାରତୀୟ ସେନାର ଅଫିସିଆଲ୍ ୱେବସାଇଟ୍ ମାଧ୍ୟମରେ ପଞ୍ଜିକରଣ କରିପାରିବେ । ଏହି ପରୀକ୍ଷା ପାଇଁ ଆବେଦନ ପ୍ରକ୍ରିୟା ବୁଝିବା ପାଇଁ ୱେବସାଇଟ୍‌ରେ ଭିଡିଓ ମଧ୍ୟ ଉପଲବ୍ଧ ରହିଛି । ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀମାନଙ୍କୁ ଏକ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଦେବାକୁ ପଡ଼ିବ, ଯାହା ଏକ କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା ହେବ । ଏହି ପରୀକ୍ଷା ପାଇଁ ପ୍ରତ୍ୟେକ ଆଶାୟୀଙ୍କୁ ୨୫୦/- ଟଙ୍କା ପରୀକ୍ଷା ଦେୟ ଜମା କରିବାକୁ ପଡ଼ିବ । ଏହି ଅନଲାଇନ୍ ପରୀକ୍ଷା ଆସନ୍ତା ଜୁନ୍ ୨୦୨୬ ମାସରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି । ରାଜ୍ୟର ସମସ୍ତ ଜିଲ୍ଲାର ଆଶାୟୀମାନେ ଏହି ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହୋଇପାରିବେ । ଯଦି କୌଣସି ପ୍ରାର୍ଥୀଙ୍କର ଏହି ସମ୍ବନ୍ଧରେ କିଛି ପ୍ରଶ୍ନ ବା ସନ୍ଦେହ ଥାଏ, ତେବେ ସେମାନେ ସମ୍ବଲପୁର ସ୍ଥିତ ଆର୍ମି ରିକ୍ରୁଟିଂ ଅଫିସ୍ ସହିତ ଲ୍ୟାଣ୍ଡଲାଇନ୍ ନମ୍ବର ୦୬୬୩-୨୫୨୦୮୪୫ ରେ ଯୋଗାଯୋଗ କରିପାରିବେ ।

# ସରସ୍ୱତୀ ବିଦ୍ୟାମନ୍ଦିରରେ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

**ଦେବଗଡ଼, ୧୧ ।୩(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଠାରେ ଆଜି ପ୍ରଥମ ପର୍ଯ୍ୟାୟ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ହୃଦାନନ୍ଦ ଖୁଣ୍ଟିଆ ଓ ସଦସ୍ୟା ସ୍ନିଗ୍ଧାରାଣୀ ନନ୍ଦ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ଶିଶୁ ବାଟିକା ପ୍ରମୁଖ ମାନସୀ ବାରିକ ଅଥିତି ପରିଚୟ ପ୍ରଦାନ କରିଥିଲେ ଓ ଗୀତା ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ପ୍ରଧାନ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଶିଶୁ ଶିକ୍ଷାର ଭାରତୀୟ ଏବଂ ପାଶ୍ଚାତ୍ୟ ସଓକଳ୍ପନା ଶିଶୁ ଶିକ୍ଷାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମଟି ନୂତନ ୪୦ ଜଣ ଅଭିଭାବକ ଅଭିଭାବିକାଙ୍କ ଦ୍ୱାରା ପ୍ରାୟୋଗିକ ହୋଇଥିଲା । ପରିଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ସକ୍ରିୟ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ମହିଳା କୃଷକ ସମ୍ମିଳନୀ

**ଦେବଗଡ଼, ୧୧ ।୩(ସମିସ):** ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟିଙ୍କ ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ମହିଳା ସମ୍ମିଳନୀ ଜିଲ୍ଲା କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଦେବଗଡ଼ ଜିଲ୍ଲାର ପ୍ରାକୃତିକ କୃଷି କରୁଥିବା ମହିଳା କୃଷକ ଓ ଓଡ଼ିଶା ଜୀବିକା ମିଶନର କୃଷିମିତ୍ରମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଫାଉଣ୍ଡେସନର ପ୍ରୋଗ୍ରାମ ମ୍ୟାନେଜର ଅରୁଣିମା ସ୍ୱାଇ ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ର, ଏଡିଏଚ୍, ଅନ୍ତର୍ଯ୍ୟାମୀ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ କ୍ଷୀରୋଦ କୁମାର ବିଶ୍ୱାଳ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପରିଚାଳକ ଶିଶିର କୁମାର ଷଡ଼ଙ୍ଗୀ, ବ୍ଲକ କୃଷି ଅଧିକାରୀ ମନୋଜ କୁମାର ମାରାଣ୍ଡି ମହିଳା କୃଷକମାନଙ୍କର କୃଷି କ୍ଷେତ୍ରରେ ଅବଦାନ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ପ୍ରାକୃତିକ କୃଷିକୁ ଆଗକୁ ନେବାରେ ସହଯୋଗ କରୁଥିବା ଚାଷୀ ଏବଂ କୃଷିମିତ୍ରଙ୍କୁ ଫାଉଣ୍ଡେସନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଫାଉଣ୍ଡେସନର ଜିଲ୍ଲା ସଂଯୋଜକ ଲିଙ୍ଗରାଜ ମହାକୁଡ଼ ଧନ୍ୟବାଦ ଜ୍ଞାପନ କରିଥିଲେ ।



# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

**ଦେବଗଡ଼, ୧୧ ।୩(ସମିସ)**

ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଛି । ଏହି ଉପଲକ୍ଷେ ଓଡ଼ିଆ ଅଧ୍ୟାପିକା ବୀଣାପାଣି ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣା ସଭାପତିତ୍ୱ କରିଥିଲେ । ଏହି ସଭାରେ ମୁଖ୍ୟଅତିଥି ଭାବରେ ପଞ୍ଚାୟତ ସମିତି ଡିଗ୍ରୀ କଲେଜ, ବୁଢ଼ାପାଳର ଓଡ଼ିଆ ଅଧ୍ୟାପକ ଡ.ଭାରତ ଭୂଷଣ ନନ୍ଦ ମୁଖ୍ୟବକ୍ତା ଭାବରେ



ଯୋଗ ଦେଇଥିଲେ । ନିଜ ଅଭଭାଷଣରେ ମୁଖ୍ୟବକ୍ତା ଶ୍ରୀ ନନ୍ଦ ସମସ୍ତେ ଓଡ଼ିଆ ଭାଷାକୁ ଭଲ ପାଇବାକୁ ଓ ସକଳ କ୍ଷେତ୍ରରେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ଓଡ଼ିଆ ସାହିତ୍ୟର ଅତୀତକୁ ଐଶ୍ୱର୍ଯ୍ୟମୟ ଓ ବର୍ତ୍ତମାନକୁ ଗାରିମାମୟ କହିବା ସହିତ ଭବିଷ୍ୟତରେ ଏହାର ଭାଷା ଓ ସାହିତ୍ୟ ଜାତୀୟସ୍ତରରେ ଅନେକ ସମ୍ଭାବନା ସୃଷ୍ଟି କରିବ ବୋଲି ସେ ପ୍ରକାଶ କରିଥିଲେ । ଏହି ସଭାରେ ଇଂରାଜୀ ଅଧ୍ୟାପିକା ଶତରୂପା ମିଶ୍ର, ଓଡ଼ିଆ ଅଧ୍ୟାପକ ମିଳନ କୁମାର ସାହୁ, ଶାସ୍ତ୍ରୀୟ ଓଡ଼ିଆ ଭାଷା ସାହିତ୍ୟ ଉପରେ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟାପକ ଜୟନ୍ତ କୁମାର ସାହୁ, ଅନାଦି ଚରଣ ଦାଶ, ସୁନିଲ କୁମାର ସାହୁ, ପ୍ରଫୁଲ୍ଲ କୁମାର ଲାକ୍ରା, ଅଧ୍ୟାପିକା ସଞ୍ଜିତା ଜେନା, ସୁଭଦ୍ରା ନାୟକଙ୍କ ସମେତ ବହୁ ସଂଖ୍ୟାରେ ବିଦ୍ୟାର୍ଥୀ ଯୋଗ ଦେଇଥିଲେ ।

# ନୂତନ ଶ୍ରେଣୀ ଗୃହରେ ପରୀକ୍ଷା ଦେଲେ ଛାତ୍ରଛାତ୍ରୀ



**ମୁରିବାହାଲ,୧୧।୩ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ପତ୍ରାପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳିଥିଲା।ଶ୍ରେଣୀ ଗୃହ ଅଭାବରୁ ବିଦ୍ୟାଳୟ ବାରଣ୍ଡାରେ ଚାନ୍ଦୁଆ ଟାଣି ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କରାଯାଉଥିଲା। ଛାତ୍ରଛାତ୍ରୀ ବାହାରେ ବସି ପରୀକ୍ଷା ଦେଉଥିଲେ। ଆଜି ନୂତନ ଶ୍ରେଣୀ ଗୃହରେ ପରୀକ୍ଷା ଦେଉଛନ୍ତି ଛାତ୍ର ଛାତ୍ରୀ। ଶ୍ରେଣୀଗୃହ ଅଭାବ ଯୋଗୁଁ ଚାନ୍ଦୁଆ ତଳେ ଗତକାଲି ପରୀକ୍ଷା ଦେଉଥିଲେ ଛାତ୍ରଛାତ୍ରୀ। ଗାଁ ରେ ଥିବା ଅନ୍ୟ ଏକ ସ୍ଥାନରେ ବିଦ୍ୟାଳୟର ୩ଟି କୋଠରୀ ନିର୍ମାଣ ହୋଇ ବର୍ଷେରୁ ଅଧିକ ହୋଇଥିଲେ ମଧ୍ୟ ହସ୍ତାନ୍ତର କରାଯାଇନଥିବାରୁ ଅସୁବିଧା ହେଉଥିଲା। ଖବର ପ୍ରକାଶ ପରେ ପ୍ରଶାସନର ଚେତା ପଶିଛି। ନୂତନ କୋଠା ହସ୍ତାନ୍ତର ପରେ ପୁରୁଣା ଏବଂ ନୂତନ କ୍ୟାମ୍ପସରେ ଛାତ୍ର ଛାତ୍ରୀମାନେ ପରୀକ୍ଷା ଦେଉଛନ୍ତି। ନୂତନ କୋଠାରେ ଗତକାଲି ଚାନ୍ଦୁଆ ତଳେ ବସିଥିବା ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି।

## ବଲାଙ୍ଗିର ବନ ବିଭାଗର ବନାଗ୍ନି ବ୍ୟଥା

# ୪୦ ଦିନରେ ୨୫୨ ପଏଣ୍ଟରେ ଲାଗିଲାଣି ନିଆଁ

ବଲାଙ୍ଗିର,୧୧।୩(ସମିସ)

ବଲାଙ୍ଗିର ବନ ବିଭାଗ ପାଇଁ ଚିନ୍ତା ବଢାଇଛି ବନାଗ୍ନୀ । ବିଭାଗ ପକ୍ଷରୁ କରାଯାଇଥିବା ସମସ୍ତ ଚେଷ୍ଟା ଓ ସଚେତନତା ବି ଫେଲ ମାରିଛି। ଶତ ଚେଷ୍ଟା ପରେ ବି ବନାଗ୍ନୀକୁ ରୋକିବାରେ ବିଫଳ ହୋଇଛି ବନ ବିଭାଗୀୟ। ବିଭାଗୀୟ ଅଫିସିଆଲ ୱେବସାଇଟରୁ ମିଳିଥିବା ତଥ୍ୟ ଅନୁସାରେ ଗତ ପ୍ରାୟ ୪୦ ଦିନରେ ୨୫୨ଟି ପଏଣ୍ଟରେ ବନ ବିଭାଗ ଅଧିନରେ ଥିବା ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡିଛି। ବନାଗ୍ନୀ ଚିହ୍ନଟ ପାଇଁ ଲାଗିଥିବା ସାଟେଲାଇଟରୁ ଏହା ଜଣାପଡିଛି। ତେବେ ନିଆଁକୁ ବନ ବିଭାଗ ଆୟତ୍ତ କରିବାକୁ ଚେଷ୍ଟା କରିଛି ସତ କିନ୍ତୁ ଏହି ବନାଗ୍ନି ଉକ୍ତ ଅଞ୍ଚଳରେ ଥିବା ଜଙ୍ଗଲକୁ ସଂପୂର୍ଣ୍ଣ ଭାବେ ଶୂନ୍ୟ କରିଦେଇଥିବା ଦେଖିବାକୁ ମିଳିଛି। ଜିଲ୍ଲାର ସର୍ବାଧିକ ବଙ୍ଗୋମୁଣ୍ଡା ରେଞ୍ଜରେ ଲାଗିଥିବା ବେଳେ ସର୍ବନିମ୍ନ ହରିଶଙ୍କରରେ ଲାଗିଥିବା ସୂଚନା ମିଳିଛି।

ପ୍ରତିବର୍ଷ ବଲାଙ୍ଗିର ଜିଲ୍ଲାରେ ଥିବା ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ନଷ୍ଟ ହୋଇଥାଏ। ଶହ ଶହ ହେକ୍ଟର ଜଙ୍ଗଲ ନିଆଁ



ଝାସରେ ନଷ୍ଟ ହେଉଥିବା ବେଳେ ଅନେକ ବନ୍ୟପ୍ରାଣୀ ମଧ୍ୟ ଏହି ବନାଗ୍ନୀର ଶୀକାର ହେଉଥିବା ଦେଖିବାକୁ ମିଳିଥାଏ। ପ୍ରତିବର୍ଷ ବନାଗ୍ନୀ ପୂର୍ବରୁ ବନ ବିଭାଗ ପକ୍ଷରୁ ବହୁ ସମାଜସେବୀ, ସ୍ୱେଚ୍ଛାସେବୀ ସଙ୍ଗଠନକୁ ସଚେତନ କରାଯାଇଥାଏ। ବହୁ ଲୋକଙ୍କୁ ସଚେତନତା କାର୍ଯ୍ୟକ୍ରମରେ ସାମିଲ କରାଯାଇଥାଏ। ଜିଲ୍ଲାରେ ବିଶେଷ କରି ମହୁଲ ଓ କେନ୍ଦୁପତ୍ର ପାଇଁ ଜଙ୍ଗଲରେ ନିଆଁ ଲାଗୁଥିବା ବେଳେ କେନ୍ଦୁପତ୍ର ବିଭାଗ ପକ୍ଷରୁ ଏଥିପାଇଁ ଉଦ୍ୟମ କରାଯାଇଥିବା ବନ ବିଭାଗ କହିଥାଏ। ବନାଗ୍ନୀରୁ ଜଙ୍ଗଲକୁ ସୁରକ୍ଷିତ ରଖିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ କୌଣସି ସଫଳତା ମିଳୁନଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବନ ବିଭାଗ ବନାଗ୍ନୀ ରୋକିବାକୁ ବଲାଙ୍ଗିର ବହୁ ଉଦ୍ୟମ କରିଥିଲା। କିନ୍ତୁ ନିଜ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ହିଁ ଏଥିରେ ବନ ବିଭାଗ ଫେଲ ମାରିଥିବା ସ୍ପଷ୍ଟ ହୋଇଛି। ବନାଗ୍ନୀକୁ ଚିହ୍ନଟ କରିବା ଓ ସୂଚନା ପ୍ରଦାନ କରିବା ପାଇଁ ମୋଦିସ ଓ ଏସ୍‌ଏନ୍‌ପିପି ନାମକୁ ଦୁଇଟି ସାଟେଲାଇଟ୍ ରହିଛି। ଏହି ସାଟେଲାଇଟ ସୂଚନା ଅନୁସାରେ ବନାଗ୍ନୀ ପଏଣ୍ଟକୁ ଚିହ୍ନଟ କରି ସେଠାକାର ନିଆଁ ଲିଭାଇବା ପାଇଁ ବନ ବିଭାଗ ଉଦ୍ୟମ କରିଥାଏ। ତେବେ ଉକ୍ତ ସାଟେଲାଇଟ୍‌ରୁ ମିଳିଥିବା ତଥ୍ୟ ଅନୁସାରେ ଗତ ଫେବୃୟାରୀ ୧ରୁ ମାର୍ଚ୍ଚ ୧୧ ମଧ୍ୟରେ ବଲାଙ୍ଗିର ଜିଲ୍ଲାରେ ସମୁଦାୟ ୨୫୨ ପଏଣ୍ଟରେ

- **ଶତ ଚେଷ୍ଟା ଓ ସଚେତନତା ସତ୍ତ୍ୱେ ବନ ବିଭାଗ ବିଫଳ**
- **ବନାଗ୍ନିରେ ଛାରଖାର ହେଉଛି ଜଙ୍ଗଲ,.ଅସହାୟ ବିଭାଗ**

ନିଆଁ ଲାଗିଥିବା ଜଣାପଡିଛି। ଏହି ସବୁ ପଏଣ୍ଟ ବନ ବିଭାଗ ଅଧିନରେ ଥିବା ଜଣାପଡିଛି। ଉକ୍ତ ସୂଚନା ଅନୁସାରେ ଜିଲ୍ଲାର ସର୍ବାଧିକ ବଙ୍ଗୋମୁଣ୍ଡା ରେଞ୍ଜରେ ୬୫ପଏଣ୍ଟରେ ନିଆଁ ଲାଗିଥିବା ବେଳେ କଣ୍ଟାବାଞ୍ଜି ରେଞ୍ଜରେ ୫୧ଟି ପଏଣ୍ଟ, ବଲାଙ୍ଗିର ସଦର ରେଞ୍ଜରେ ୨୬ ଟି ପଏଣ୍ଟର, ଲୋଇସିଂହା ରେଞ୍ଜରେ ୧୭ଟି ପଏଣ୍ଟ, ମୁରିବାହାଲ ରେଞ୍ଜରେ ୧୩ଟି ପଏଣ୍ଟ, ଟିଟିଲାଗଡ ଓ ସଇଁନ୍ତଲା ରେଞ୍ଜରେ ୭ଟି ପଏଣ୍ଟ, ପାଟଣାଗଡ ରେଞ୍ଜରେ ୫ଟି ପଏଣ୍ଟ, ଦେଓଗାଁ ରେଞ୍ଜରେ ୩ଟି ପଏଣ୍ଟଣ୍ଟ ଓ ହରିଶଙ୍କର ରେଞ୍ଜରେ ସର୍ବନିମ୍ନ ୨ଟି ପଏଣ୍ଟରେ ନିଆଁ ଲାଗିଥିବା ଜଣାପଡିଛି। ତେବେ ଏହି ବନାଗ୍ନୀରୁ ଜଙ୍ଗଲକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଜିଲ୍ଲାରେ ଥିବା ସମସ୍ତ ୧୧ ଟି ରେଞ୍ଜରେ ସ୍ୱତନ୍ତ୍ର ଫାୟାର ପ୍ରୋଟେକ୍ସନ ସ୍କ୍ୱାର୍ଡ ରହିଛି । ଯେଉଁଥିରେ ୧୦ ଜଣ ଲେଖାଏଁ କର୍ମଚାରୀ ରହିଥିବା ବେଳେ ସେମାନଙ୍କୁ ଗାଡି ଓ ଆବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଛି। ନିଆଁ ଲିଭାଇବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ସହାୟତା ପ୍ରଦାନ କରାଯାଉଥିବା ସତ୍ତ୍ୱେ ବନାଗ୍ନୀ ଦାଉରୁ ଜଙ୍ଗଲକୁ ସୁରକ୍ଷିତ ରଖିବାରେ ବିଫଳ ହୋଇଛି ବନ ବିଭାଗ। ଏହି ବନାଗ୍ନୀ ଝାସରେ ଶହ ଶହ ହେକ୍ଟର ଜଙ୍ଗଲରେ ଥିବା ଅନେକ ମୂଲ୍ୟବାନ ଗଛ ସବୁ ବଳିପଡିଥିବା ବେଳେ କିଛି ସ୍ଥାନରେ ବନୀକରଣ ପ୍ରକଳ୍ପ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ବର୍ତ୍ତମାନ ଜିଲ୍ଲାରେ ଖରାର ପ୍ରକୋପ ଆରମ୍ଭ ହୋଇଥିବା ବେଳେ ଯଦି ଏମିତି ସ୍ଥିତି ତେବେ ଆଗକୁ ପରିସ୍ଥିତି ଆହୁରି ଭୟାବହ ହେବାର ସମ୍ଭାବନା ଦେଖାଦେଇଛି। କିଛି ଦିନ ଆଗରୁ ଯେଉଁ ଜଙ୍ଗଲ ସବୁଜ ବନାନୀରେ ସଜେଇ ହୋଇଥିଲା ଆଜିର ଦିନରେ ତାହା ଧ୍ୱଂସ ହୋଇ ପଡିଲାଣି।

# ପାନୀୟ ଜଳ ସମସ୍ୟା ସମାଧାନ କେବେ

**ବଢୁଛି ଜନସଂଖ୍ୟା, ବଢୁଛି ସମସ୍ୟା**
**୨୦୧୧ ଜନଗଣନା ହିସାବରେ ପାନୀୟ ଜଳ ବ୍ୟବସ୍ଥା**

**ବଲାଙ୍ଗିର,୧୧।୩(ସମିସ):** ବଲାଙ୍ଗିର ଜିଲ୍ଲାରେ ଆରମ୍ଭ ହୋଇଛି ଗ୍ରୀଷ୍ମ ପ୍ରବାହ। ଗ୍ରୀଷ୍ମ ଆରମ୍ଭରୁ ହିଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାନୀୟ ଜଳ ସମସ୍ୟା ଦେଖା ଦେବା ଆରମ୍ଭ ହୋଇଛି। ଏହିଭଳି ପରିସ୍ଥିତିରେ ପ୍ରାୟତଃ ସବୁ ବର୍ଷ ବଲାଙ୍ଗିର ସହରରେ ପାନୀୟ ଜଳ ସମସ୍ୟା ଦେଖା ଦେଇଥାଏ। ପାନୀୟ ଜଳକୁ ନେଇ ସ୍ଥାନୀୟବାସିନ୍ଦା ହଇରାଣ ହେଉଥିବା ବେଳେ ଆନ୍ଦୋଳନ କରିବାକୁ ମଧ୍ୟ ବାଧ୍ୟ ହୋଇଥାନ୍ତି। ତେବେ ଏହିଭଳି ପରିସ୍ଥିତ ସୃଷ୍ଟି ହେବା ପଛରେ ଜନସ୍ୱାସ୍ଥ୍ୟ ବିଭାଗ ହିଁ ଦାୟୀ ବୋଲି ଅଭିଯୋଗ ହୋଇଛି। କାହିଁକି ନା ଆଜି ବି ବଲାଙ୍ଗିର ସହର ରେ ୨୦୧୧ ଜନସଂଖ୍ୟା ହିସାବରେ ଆକଳନ କରି ପାନୀୟଜଳ ଆବଶ୍ୟକତାକୁ ପୂରଣ କରୁଥିବା ଜଣାପଡିଛି। ବଲାଙ୍ଗିର ସହରବାସୀଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ୨୦୧୧ ଜନଗଣନା ଅନୁସାରେ ବଲାଙ୍ଗିର ସହରର ଜନସଂଖ୍ୟା ପ୍ରାୟ ୯୦ ହଜାର ରହିଥିଲା କିନ୍ତୁ ଇତି ମଧ୍ୟରେ ପ୍ରାୟ ଦେଢ଼ ଦଶନ୍ଧି ବିତିଯାଇଥିବା ବେଳେ ନିହାତି ଭାବେ ଜନସଂଖ୍ୟା ମଧ୍ୟ ଅଧିକ ହୋଇଛି। ପ୍ରାୟତଃ ସହରର ଜନସଂଖ୍ୟା ପ୍ରାୟ ଦେଢ଼ ଲକ୍ଷରେ ପହଞ୍ଚିଛି। ଏଭଳି କ୍ଷେତ୍ରରେ ସହରବାସୀଙ୍କୁ ୨୦୧୧ ଜନଗଣନା ଅନୁସାରେ ୧୭ ଏମ୍‌ଏଲ୍‌ଟି ପାଣି ଯୋଗାଇବାରେ ଜନସ୍ୱାସ୍ଥ୍ୟ ବିଭାଗ ସକ୍ଷମ ରହିଥବା ବେଳେ ବାସ୍ତବରେ ସହରବାସୀଙ୍କ ପାଇଁ ଦିନକୁ ପ୍ରାୟ ୨୭ ଏମ୍‌ଏଲ୍‌ଟି ପାଣି ଆବଶ୍ୟକ ରହିଛି। ଯାହାକୁ ଯୋଗାଇବାରେ ବିଭାଗ ସକ୍ଷମ ହେଉନଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ବଲାଙ୍ଗିର ପୌରାଞ୍ଚଳର ୨୧ଟି ୱାର୍ଡବାସୀଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସହରର ଜନସଂଖ୍ୟା ପ୍ରାୟ ୧.୫୦ ଲକ୍ଷ ହୋଇଥିବା ବେଳେ ୧୭୦ରୁ ଅଧିକ ଛୋଟବଡ଼ ଜନବସତି ରହିଛି। ପୂର୍ବରୁ ୫୦ କିମି ଦୂର ସୁବର୍ଣ୍ଣପୁର ଜିଲ୍ଲା ନନ୍ଦନମାଳରୁ ମହାନଦୀରୁ ପାଣି ଅଣାଯାଇ ସହରବାସୀଙ୍କୁ ପିଇବା ପାଣି ଯୋଗାଇ ଦିଆଯାଉଥିଲା। ବିଭିନ୍ନ ସମୟରେ ମହାନଦୀରେ ଜଳସ୍ତର ହ୍ରାସ ସହ ପମ୍ପରେ ବୈଷୟିକ ତ୍ରୁଟି ଦେଖାଦେଲେ ସହରବାସୀଙ୍କୁ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିଲା।ଗତ କିଛି ବର୍ଷ ହେଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁବର୍ଣ୍ଣପୁରସ୍ଥିତ ମହାନଦୀରୁ ପାଣି ଅଣାନ ଯାଇ ୨୦ କିମି ଦୂର ତରଭା ତେଲନଦୀରୁ ପାଣି ଅଣାଯାଉଛି। ୨୦୧୧ ଜନଗଣନା ଅନୁସାରେ, ବଲାଙ୍ଗିରବାସୀଙ୍କୁ ଦୈନିକ ୧୭ ଏମ୍‌ଏଲ୍‌ଟି ପାନୀୟ ଜଳ ଯୋଗାଇ ଦିଆଯାଉଛି। ତେଲନଦୀରୁ ଅଣାଯାଉଥିବା ୧୬.୫ ଏମ୍‌ଏଲ୍‌ଟି ପାଣି ସହ ସହରର ଶାନ୍ତପଡ଼ା, ଖଣି କାର୍ଯ୍ୟାଳୟ ନିକଟ ପମ୍ପହାଉସ ଓ ଲଳିତ ନଗରରେ ଗଭୀର ନଳକୂପ ଖନନ କରାଯାଇ ପମ୍ପ ଯୋଗେ ୦.୫ ଏମ୍‌ଏଲ୍‌ଟି ପାଣି ଯୋଗାଇ ଦିଆଯାଉଛି। ତେଲନଦୀରୁ ଆସୁଥିବା ପାଣି ମାଧୁଆପାଲି ଜଳ ବିଶୋଧନ ପ୍ଲାଣ୍ଟରେ ବିଶୋଧନ କରାଯାଇ ୧୨ଟି ଓଭରହ୍ୟାଡ୍ ଟ୍ୟାଙ୍କ ଜରିଆରେ ଆଖପାଖ ଅଞ୍ଚଳବାସୀଙ୍କୁ ପାଇପ୍ ଯୋଗେ ଯୋଗାଇ ଦିଆଯାଉଛି। ସହରର ଜିଲ୍ଲା କାରାଗାର ନିକଟ ପମ୍ପହାଉସ, ଓଲ୍ଡ ଟାଉନ, ମାଲପଡ଼ା, ସାର୍କିଟ ହାଉସ, ପ୍ୟାଲେସଲାଇନ, କଲେଜ ଛକ, ତାଲପାଲିପଡ଼ା, ମେଡିକାଲ କଲେଜ, ଲାଲଟିକ୍ରା ପଲିଟେକନିକ କଲେଜ ଓ ହାଟପଦାପଡ଼ାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଚ୍ଚ କ୍ଷମତା ସମ୍ପନ୍ନ ଓଭର ହ୍ୟାଡ୍‌ଟାଙ୍କି ନିର୍ମାଣ କରାଯାଇଛି। ଏହାସହ ସହରରେ ୮୮୫ଟି ନଳକୂପ ରହିଥିବା ବେଳେ ସମସ୍ତ ନଳକୂପ କାର୍ଯ୍ୟକ୍ଷମ ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରୀଷ୍ମରେ ପାଣି ସମସ୍ୟା ମୁକାବିଲା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ମଟର ପମ୍ପ ମହଜୁଦ ରଖାଯିବା ସହ ବିଭିନ୍ନ ଅଞ୍ଚଳରେ କ୍ଷେତ୍ର ପରିଦର୍ଶନ କରାଯାଇ ଆଗୁଆ ପ୍ରସ୍ତୁତି କରାଯାଉଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ତେବେ ଆଗକୁ ଏହି ଆବଶ୍ୟକତା ପୂରଣ କରିବା ପାଇଁ ପୁଇଁନ୍ତଲା ବ୍ଲକ୍ ଛତାମଖନା ନିକଟସ୍ଥ ସୁକତେଲ ନଦୀ ଯୁଧିଷ୍ଠିର ସେତୁ ନିକଟରୁ ଅମୃତ ଯୋଜନାରେ ବଲାଙ୍ଗିର ସହରକୁ ଦୈନିକ ୩୬ ଏମ୍‌ଏଲ୍‌ଟି ପାଣି ଯୋଗାଇବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିବା ଜଣାପଡିଛି। ଜିଲ୍ଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଏ ନେଇ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସହରର ବୀଜାଖମନ, ମାଲଗୋଦାମପଡ଼ା, ମନୋହରପୁର ପଡ଼ିଆ, ବଲାଙ୍ଗିର ବନଖଣ୍ଡ କାର୍ଯ୍ୟାଳୟ ପଛପଟ, ଯୋଗର୍ସ ପାର୍କ ସମ୍ମୁଖ ଓ ପଛପଟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଛପଟ, ଚମାରଟିକ୍ରା, ଗାନ୍ଧୀନଗରପଡ଼ା ପି.ଆର. ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ ନିକଟ, ଚିମନିଭାଟି, ଜିଲା ଖଣି କାର୍ଯ୍ୟାଳୟ ନିକଟ ସହ କୋଶଳ କଳାମଣ୍ଡଳ ପଡ଼ା ରୋଟାରୀ କ୍ଲବ ନିକଟରେ ଉଚ୍ଚ କ୍ଷମତା ବିଶିଷ୍ଟ ୧୧ଟି ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଅଧିକାଂଶ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସହ ଟ୍ରାଏଲ୍ ମଧ୍ୟ ସରିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଆସନ୍ତା ୧ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସହରବାସୀଙ୍କୁ ଅତିରିକ୍ତ ଭାବେ ଦୈନିକ ୩୬ ଏମ୍‌ଏଲ୍‌ଟି ପାଣି ଯୋଗାଇ ଦିଆଯିବ ବୋଲି ବଲାଙ୍ଗିର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଟ୍ରାକ୍ଟର ଚୋରି ମାମଲା

# ୫ଗିରଫ, ଚୋରି ଟ୍ରାକ୍ଟର ଉଦ୍ଧାର



**ବଲାଙ୍ଗିର,୧୧।୩(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଞ୍ଚଳରୁ ଗତ ପ୍ରାୟ ୪ମାସ ପୂର୍ବରୁ ହୋଇଥିବା ଏକ ଟ୍ରାକ୍ଟର ଚୋରି ମାମଲାରେ ପୁଲିସକୁ ମିଳିଛି ସଫଳତା। ଲୋଇସିଂହା ଥାନା ସାହାଜଛାପର ଗାଁରୁ ହୋଇଥିବା ଏହି ଟ୍ରାକ୍ଟର ଚୋରି ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଚୋରି ହୋଇଥିବା ଟ୍ରାକ୍ଟରକୁ ମଧ୍ୟ ଉଦ୍ଧାର କରିବାରେ ସଫଳ ହୋଇଥିବା ଏସଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଏହି ଘଟଣାରେ ଗିରଫ ଅଭିଯୁକ୍ତମାନେ ବିନିକା ଥାନା ବିଶାଳପାଲି ଗାଁର ରୁଦ୍ର ପେରା(୨୧), ଘୁଡାଧାର ଗାଁର ସୁନୀଲ ବାଙ୍କି(୨୩), ଆଖିଦାଦର ଗାଁ ର ଜୟ ସାଗର(୩୭), ପିଡେଇପାଲି ଗାଁର ଦୀପକ ଦୀପ(୩୮) ଓ ଗୋଡଭଗା ଅଞ୍ଚଳର ପିଚକୁଲା ଶ୍ରୀହରି ବୋଲି ଜଣାପଡିଛି।

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ସାହାଜଛାପର ଗାଁର ଜମିଦାର ପଧାନ ଗତ ଅକ୍ଟୋବର ୨୩ ତାରିଖରେ ଲୋଇସିଂହା ଥାନାରେ ତାଙ୍କ ଟ୍ରାକ୍ଟର ନଂ ଓଡି୦୩ଏବି-୯୬୪୦ ଚୋରି ହୋଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କେସ ନଂ ୩୦୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ଚୋରକୁ ଧରିପାରିନଥିଲା। ତଥାପି ଟ୍ରାକ୍ଟର ମାଲିକ ନିଜ ଉଦ୍ୟମରେ ସନ୍ଧାନ ଚଲାଇଥିବା ବେଳେ ପାଉଥିବା ସୂଚନାକୁ ପୁଲିସକୁ ପ୍ରଦାନ କରିଥିଲେ। ଉକ୍ତ ସୂଚନାକ୍ରମେ ପୁଲିସ ଚୋରମାନଙ୍କୁ ଧରିବା ସହ ଟ୍ରାକ୍ଟରକୁ ଉଦ୍ଧାର କରିଥିବା ଜଣାପଡିଛି। ତେବେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରୁ ରୁଦ୍ର ଓ ସୁନୀଲ ମିଶି ସେହିଦିନ ରାତିରେ ଟ୍ରାକ୍ଟରକୁ ଚୋରି କରି ଫେରାର ହୋଇଯାଇଥିଲେ। ସେମାନେ ଉକ୍ତ ଟ୍ରାକ୍ଟରକୁ ଜୟକୁ ଦେଇଥିଲେ। ଜୟ ଦୀପକ ସହ କଥାବାର୍ତ୍ତା କରି ଟ୍ରାକ୍ଟରକୁ ଗୋଡଭଗା ଅଞ୍ଚଳର ଶ୍ରୀହରିଙ୍କୁ ବିକ୍ରୀ କରିଥିଲେ। ଶ୍ରୀହରି ଉକ୍ତ ଟ୍ରାକ୍ଟରକୁ ଆନ୍ଧ୍ରକୁ ପଠାଇଥିବା ବେଳେ ସେଠାରେ ଉକ୍ତ ଟ୍ରାକ୍ଟର ଚାଷକାମରେ ଲାଗିଥିବା ଜଣାପଡିବା ପରେ ଥାନା ଅଧିକାରୀ ସିପୋରା ସରାୟ ଲୁଗୁନଙ୍କ ନେତୃତ୍ୱରେ ପୁଲିସ ଟିମ୍ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଟ୍ରାକ୍ଟରକୁ ଉଦ୍ଧାର କରିଥିବା ଏସ୍‌ଡିପିଓ ଶ୍ରୀ ଉପାଧ୍ୟ ସୂଚନା ଦେଇଛନ୍ତି।

# ଆମ୍ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ବେଲପଡା,୧୧।୩(ସମିସ):** ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଯୁକ୍ତତିନି ଛାତ୍ରୀଙ୍କୁ ନେଇ ଆମ୍‌ସୁରକ୍ଷା ତାଲିମ୍ ଶିବିର ଉଦଘାଟିତ ହୋଇଯାଇଛି। ଶିବିରରେ ନୋଡାଲ ଅଫିସର ତୁଳସୀ ଦାସୀ ଠାକୁର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ କରିଥିଲେ।ମାଷ୍ଟର ଟ୍ରେନର ମୀରାବାଇ ମେହେର ଝିଅମାନଙ୍କୁ ଅ୍ୱଠସୁରକ୍ଷାର ବିଭିନ୍ନ କୌଶଳ ଶିକ୍ଷା ଦେବା ସହ ନିଜ ଭିତରେ ଦୃଢ଼ ଆତ୍ମ ବିଶ୍ୱାସ ତିଆରି କରିବାର ବାଟ ଦେଖାଇଥିଲେ। ଶିବିରରେ ଅଧ୍ୟାପକ ସୂର୍ଯ୍ୟମଣି ମେହେର, ଅଧ୍ୟାପିକା ମଞ୍ଜରୀ ମେହେର ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ପ୍ରାୟ ୧୦୦ଛାତ୍ରୀ ଅଂଶ ଗ୍ରହଣ କରି ଉପାଦେୟ ତାଲିମ ଗ୍ରହଣ କରିଥିଲେ। ଶିବିର ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ଚାଲିବ।

# ବେଲପଡ଼ା କଲେଜ ଶିକ୍ଷା ବିଭାଗରେ ଆଲୋଚନାଚକ୍ର




**ବେଲପଡା,୧୧।୩(ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ୍ ଅଧିନସ୍ଥ ପଞ୍ଚାୟତ ସମିତି କଲେଜରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅଧକ୍ଷ ସୁରେଶ ଚନ୍ଦ୍ର ମେହେରଙ୍କ ପୌରୋହିତ୍ୟରେ ଆଜି ଶିକ୍ଷା ହେଉଛି ବିକଶିତ ଭାରତ-୨୦୪୭ର ମୂଳଦୁଆ :ଦୃଷ୍ଟିକୋଣ, ରଣନୀତି ଏବଂ ପରିବର୍ତ୍ତନ ଉପରେ ଏକ ମୂଲ୍ୟବୋଧ ଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି।ଆଲୋଚନା ଚକ୍ରରେ ଡ଼କ୍ଟର ଘନଶ୍ୟାମ ସାହୁ, ଓଇଏସ-୧, ଆସିଷ୍ଟାଣ୍ଟ ପ୍ରଫେସର, କଲେଜ ଅଫ ଟିଚର ଏଜୁକେସନ, ଭବାନୀପାଟଣା, କଳାହାଣ୍ଡି ୟୁନିଭେର୍ସିଟି, ମୁଖ୍ୟଅତିଥି ଓ ବକ୍ତା ଭାବେ ଯୋଗଦାନ କରି ସ୍ୱପ୍ରସ୍ତୁତ ନିବନ୍ଧ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଦୁର୍ଲଭ ଜ୍ଞାନ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗର ଛାତ୍ରୀମାନେ ସ୍ୱଲିଖିତ ପ୍ରୋଜେକ୍ଟ ପେପେର ପାଠ କରି କାର୍ଯ୍ୟକ୍ରମକୁ ସତେଜ ଓ ଜୀବନ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗର ମୁଖ୍ୟ ତଥା ପ୍ରାଧ୍ୟାପକ ତନ୍ମୟ କୁମାର ପାଣିଗ୍ରାହୀ, ମନୋଜ କୁମାର ମହାଖୁଡ଼, ଶିକ୍ଷା ବିଭାଗ ଅଧ୍ୟାପକ ସୁଶୀଲ କୁମାର ମେହେର,ଅଧ୍ୟାପିକା ଡୋଲାନେତ୍ରୀ ସିଂ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପ୍ରଥମେ ମା'ସରସ୍ୱତୀଙ୍କୁ ଆରାଧନା କରି ଅଧ୍ୟାପକ ସୁଶୀଲ ମେହେର ଅତିଥି ପରିଚୟ ପ୍ରଦାନ କରି ସାରିବା ପରେ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀ ପ୍ରୀତି ମେହେର ମଞ୍ଚ ପରିଚାଳନା କରିଥବା ବେଳେ ଅଧ୍ୟାପିକା ଡୋଲାନେତ୍ରୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ମହୁରୁଣ୍ଡି କୋସଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବଡ଼ଗୁର୍ଜିଭଟା ଚାମ୍ପିଅନ୍



**ଖପ୍ରାଖୋଲ,୧୧।୩(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ମହୁରୁଣ୍ଡି ଗ୍ରାମରେ ଚାଲିଥିବା ମହୁରୁଣ୍ଡି କୋସଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟ ଛଅ ଦିନ ଧରି ହୋଇଥିବା ବେଳେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳରେ ବଡ଼ଗୁର୍ଜିଭଟା ଓ ମହରାପଦର ମଧ୍ୟରେ ହୋଇଥିଲା। ବଡ଼ଗୁର୍ଜିଭଟା ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୪ ୱିକେଟ୍ ହରାଇ ୧୪୨ ରନ୍ ସଂଗ୍ରହ କରିଥିଲା। ଜବାବରେ ମହରାପଦର ଦଳ ୧୧ ଓଭରରେ ୧୦ୱିକେଟ ହରାଇ ମାତ୍ର ୭୫ ରନ ସଂଗ୍ରହ କରିବାରେ ସକ୍ଷମ ହୋଇ ପରାଜିତ ହୋଇଥିଲେ। ଯାହା ଫଳରେ ବଡ଼ଗୁର୍ଜିଭଟା ଦଳ ଚାମ୍ପିଅନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମହୁରୁଣ୍ଡି କୋସଲ କପ୍ କ୍ରିକେଟ୍ କ୍ଲବ୍ ସଭାପତି ଅଭିଳାଷ ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କେଏମଏମ୍ ଆବାହକ ସୁଶୀଲ କୁମାର ଗୁରୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମନ ସିଂ ବରିହା, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ସତ୍ୟନନ୍ଦ ସେନ୍ଦ୍ରୀଆ ,ଗୌତମ ସାହାଣୀ ଯୋଗ ଦେଇଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ଅର୍ଥ ରାଶି ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ଅର୍ଥ ରାଶି ଅତିଥିମାନେ ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ଜୟରାଜ ଷାଣ୍ଢ ଓ ମାନସ ପଧାନ ଖେଳକୁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଡୋନା ଭୋଇ ଦାୟିତ୍ୱ ତୁଲାଇଥିଲେ। ଅଭିଳାଷ ଭୋଇ ଖେଳର ହିନ୍ଦୀରେ ଧାରା ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେମାନନ୍ଦ ଷାଣ୍ଢ ,ଜଗନ୍ନାଥ ସାହାଣୀ, ଓଁମକାର ପାଣ୍ଡେ ,ରାଜେଶ କୁଅଁର, ଜଗନ୍ନାଥ ବରିହା,ପିଣ୍ଟୁ ବନଗୁଲା, ଚନ୍ଦ୍ରକାନ୍ତ ବୁଢ଼େକ,ପପୁ ଭୋଇ, ରିପୁଲ ପଧାନ,ରିଙ୍କୁ ଭୋଇ, ଶୋଭମ୍ ବନଗୁଲା, ଅଜିତ ଷାଣ୍ଢ ,ସନ୍ତୋଷ ଷାଣ୍ଢ ପ୍ରମୁଖ କ୍ଲବ୍ ସଦସ୍ୟ ସହଯୋଗ କରିଥିଲେ।

# ସବୁ କ୍ଷେତ୍ରରେ ବଲାଙ୍ଗିରକୁ ଅବହେଳା କରୁଛନ୍ତି ରାଜ୍ୟ ସରକାର: ନରସିଂହ

ବଲାଙ୍ଗିର,୧୧।୩(ସମିସ)



ସରକାର ବଦଳିଛି ସତ କିନ୍ତୁ ବଲାଙ୍ଗିରର ଭାଗ୍ୟ ଯେମିତିକୁ ସେମିତି। ଯଦି ଶିକ୍ଷା କ୍ଷେତ୍ରରେ ଦେଖାଯାଏ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ୧୨୬ ପଦରୁ ୧୦୦ପଦ ଖାଲି ପଡିଛି। ଅଣଶିକ୍ଷକ ପଦରେ ଜଣେ ବି ନାହାନ୍ତି। ମହିଳା ମହାବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ଅବସ୍ଥା ନ କହିଲେ ସରେ। ବିନା ଶିକ୍ଷକରେ ଏଠି ଅଧ୍ୟାପନା .ଲିଛି। ସଂସ୍କୃତି ମହାବିଦ୍ୟାଳୟ କେବଳ ଦୁଇ ଜଣ ଶିକ୍ଷକରେ .ଲିଛି। ଏଥିରୁ ବଲାଙ୍ଗିରବାସୀ ଅନୁମାନ କରନ୍ତୁ ଯେ ବଲାଙ୍ଗିରକୁ ରାଜ୍ୟ ସରକାର କେଉ ନଜରରେ ଦେଖୁଛନ୍ତି। ବିଜେପି ସରକାର ମଧ୍ୟ ବଲାଙ୍ଗିର ଜିଲ୍ଲାକୁ ସବୁ କ୍ଷେତ୍ରରେ ଅବହେଳା କରିବା ଜାରି ରଖିଛନ୍ତି ବୋଲି ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ସାମ୍ବାଦିକ ସମ୍ମିଳନୀ କରି କ୍ଷୋଭ ପ୍ରକାଶ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ସାରା ରାଜ୍ୟରେ ଶିକ୍ଷକ, ଅଧ୍ୟାପକ ଅଭାବ ଜାରି ରହିଛି କିନ୍ତୁ ବଲାଙ୍ଗିର ମହିଳା ମହାବିଦ୍ୟାଳୟ ଏ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିଛି। ଏଠିକାର ଯୁକ୍ତ ଦୁଇ ବିଜ୍ଞାନ ବିଭାଗରେ ଆଜି ପର୍ଯ୍ୟନ୍ତ ଜଣେ ବି ଅଧ୍ୟାପକ ନାହାନ୍ତି ତଥାପି ଅଧ୍ୟାପନା .ଲିଛି। ସେଥିରୁ ବଲାଙ୍ଗିରବାସୀ ବୁଝନ୍ତୁ ବର୍ତ୍ତମାନର ଜନପ୍ରତିନିଧିମାନେ ବଲାଙ୍ଗିରବାସୀଙ୍କୁ କିଭଳି ବ୍ୟବହାର କରୁଛନ୍ତି। ବିଶ୍ୱ ବିଦ୍ୟାଳୟରେ ମୁଖ୍ୟତଃ ଗବେଷଣା କାର୍ଯ୍ୟ କରାଯାଇଥାଏ କିନ୍ତୁ ଶିକ୍ଷକ ଅଣଶିକ୍ଷକ ପଦବୀ ଦେଖିଲେ ଜଣାଯାଏ ଯେ ଏଠି ଗବେଷଣା ତ ଦୂରର କଥା ଛାତ୍ରମାନଙ୍କ ପାଇଁ ଶିକ୍ଷାଗ୍ରହଣ କରିବା ବି ଆଗାମୀ ଦିନରେ ସ୍ୱପ୍ନ ହୋଇଯିବ। ବର୍ତ୍ତମାନର ସରକାର ନିର୍ବାଚନ ସମୟରେ ଅନେକ ପ୍ରତିଶ୍ରୁତି ଦେଇଥିଲେ। ଦେଓଗାଁ ଚିନି କଳ ଖୋଲାଯିବା ପାଇଁ ପଦକ୍ଷେପ ନିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା କିନ୍ତୁ ସରକାର ଗଠନ ହେବା ଦୁଇ ବର୍ଷ ହେବ ଏହି ଚିନିକଳ ପୁନଃ ପ୍ରଚଳନ ପାଇଁ କୋ÷÷ଣସି ସୁଖବର ଆସୁନାହିଁ। ପ.ରିଲେ ଉତ୍ତର ଆସୁଛି ପ୍ରକ୍ରିୟା .ଲିଛି। ଯଦି ଏଭଳି ପ୍ରକ୍ରିୟା .ଲୁ ରହେ ତେବେ ସରକାରର ସମୟ ସରିଯିବ କିନ୍ତୁ ଲୋକଙ୍କ ଆଶା ଦେଓଗାଁ ଚିନିକଳ ଆଶାରେ ହିଁ ରହିଯିବ

- **ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଏକ ସାଇନବୋର୍ଡ ପାଲଟିଛି**
- **ମହିଳା କଲେଜର ଯୁକ୍ତ ଦୁଇ ବିଜ୍ଞାନରେ ଶିକ୍ଷକ ନାହାନ୍ତି**
- **ସଂସ୍କୃତ ମହାବିଦ୍ୟାଳୟରେ ମାତ୍ର ୨ ଜଣ ଅଧ୍ୟାପକ**

ବୋଲି ଶ୍ରୀ ମିଶ୍ର କହିଛନ୍ତି।ବିଜେଡି ସରକାର ଲୋୟର ସୁକତେଲ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ହେଲେ ସରକାର ବଦଳି ଦୁଇ ବର୍ଷ ହେଲା ବିଜେପି ସରକାର ମଧ୍ୟ .ଷୀଙ୍କ .ଷ ଜମିକୁ ଆଜି ପର୍ଯ୍ୟନ୍ତ ତାଙ୍କ ପ୍ରତିଶ୍ରୁତି ମୁତାବକ ପାଣି ଦେଇ ପାରିନାହାନ୍ତି। ଲୋୟର ସୁକତେଲ ଡ୍ୟାମ୍ ତଳେ ଏକ ମିନି ଷ୍ଟାଡିୟମ ଏବଂ ପାର୍କ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ସେ ନିଜେ ଭେଟି ଅନୁରୋଧ କରିଥିଲେ। ପାର୍କ ଓ ଷ୍ଟାଡିୟମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆପାତତଃ ମଞ୍ଜୁରି ମିଳିଯାଇଛି ବୋଲି ଶ୍ରୀ ମିଶ୍ର କହିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ହେଉ କି ବଲାଙ୍ଗିରର ବିକାଶକୁ ନେଇ ସୃଷ୍ଟି ହୋଇଥିବା ସ୍ଥାଣୁତା ଉପରେ କାହିଁକି ସ୍ଥାନୀୟ ଜନପ୍ରତିନିଧି ବିଧାନସଭାରେ ସ୍ୱର ଉତ୍ତୋଳନ କରୁନାହାନ୍ତି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ନିର୍ବାଚନ ସରିବା ପାଖାପାଖି ଦୁଇ ବର୍ଷ ହେବ ଦୁଇ ବର୍ଷ ପୂର୍ବରୁ ବଲାଙ୍ଗିର ନିର୍ବାଚନ ମଣ୍ଡଳିରେ ଆରମ୍ଭ ହୋଇଥିବା କୋ÷÷ଣସି ବି ଗୋଟିଏ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସାମ୍ବାଦିକ ସମ୍ମିଳନୀରେ ଧାନକିଣା ଅବ୍ୟବସ୍ଥା, ସୁଭଦ୍ରା ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ଦାଦନ ଦୂରିକରଣ ନାଁରେ ମିଥ୍ୟା ପ୍ରତିଶ୍ରୁତି, ଦୁର୍ନୀତିକୁ ନେଇ ଶୂନ୍ୟ ସହନଶିଳତା, ଆଇନଶୃଙ୍ଖଳା ପରିସ୍ଥିତି, ସ୍ଥାନୀୟ ଜନ ପ୍ରତିନିଧି ଓ ସରକାରଙ୍କୁ ଶ୍ରୀ ମିଶ୍ର କଟୁ ସମାଲୋଚନା କରିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ମନୀଷ ମିଶ୍ର, ଅସିତ ମିଶ୍ର, ବୁଲୁ ଦାନି, କୈଳାସ ମିଶ୍ର, ଚିନ୍ମୟ ବେହେରା, କିରନ ସେଠ, ସଂଜୟ ମିଶ୍ର, ମାନସ ମହାନ୍ତି, ଟିଟୁ ରଣା, ଜ୍ୟୋତିଷ ମୁଗ୍ରୀ, ସାନନ୍ଦ ମିଶ୍ରଙ୍କ ସମେତ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

